

# ଭୁବନେଶ୍ୱର ସିଟି

## ସିରିଜ୍ ଦୁର୍ଘଟଣା ଘଟାଇଥିବା ଡାକ୍ତର ଗିରଫ

ଭୁବନେଶ୍ୱର, ୪।୫(ସମିସ): ସହିଦନଗରଥାନା ଆପୋଲୋ ହସ୍ପିଟାଲ ସମ୍ମୁଖରେ ଶୁକ୍ରବାର ସିରଜ୍ ଦୁର୍ଘଟଣା ଘଟାଇଥିବା ଡାକ୍ତର ସଞ୍ଜୟ କୁମାର ମହାନ୍ତିଙ୍କୁ ପୁଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଦୁଘର୍ଟଣା ଘଟାଇଥିବା ଗାଡ଼ିକୁ ମଧ ଜବତ କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟାରେ ଡାକ୍ତର ସଞ୍ଜୟ ଦ୍ରୁତଗତିରେ କାର୍ ଚଳାଇ ସୈନିକ ସ୍କୁଲ୍ ଛକ, ନାଲ୍କୋ ଛକ, ଜୟଦେବ ବିହାର ଛକ ଦେଇ ଆଚାର୍ଯ୍ୟବିହାର ଛକରୁ ପୁଣି ଆପୋଲୋ ହସ୍ପିଟାଲ ଆଡ଼କୁ ଆସିଥିଲେ। ଭାରସାମ୍ୟ ହରାଇ ରାସ୍ତାକଡ଼ ପାର୍କିଂରେ ଥିବା ପ୍ରଥମେ ଏକ କାରକୁ ଶକ୍ତ ଧକ୍କା ଦେବା ପରେ ଗୋଟିଏ ପରେ ଗୋଟିଏ ଗାଡ଼ିକୁ ଧକ୍କାଦେଇ ଶେଷରେ ରାସ୍ତାକଡ଼ ଡିଭାଇଡର୍ ଉପରେ ଚଢ଼ାଇ ଦେଇଥିଲେ। ଖବର ପାଇ ପିସିଆର ଭ୍ୟାନ୍ ଓ ସହିଦନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲକୁ ନେବା ସହିତ ସମସ୍ତ ଗାଡ଼ିକୁ ଥାନାକୁ ଆଣିଥିଲା।

■ ଅଭିନବ ଶୈଳୀରେ ଠକେଇ

## ଭଡ଼ାଗାଡ଼ି ବନ୍ଧା ପକାଇ ଟଙ୍କା ନେଇ ଚମ୍ପଟ

ଭୁବନେଶ୍ୱର, ୪।୫(ସମିସ): ଜଣେ ବ୍ୟକ୍ତି ଗାଡ଼ି ଭଡ଼ାରେ ନେଇ ତାକୁ ବନ୍ଧା ପକାଇ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଏ ନେଇ ପଟିଆର ଗାଡ଼ିର ମାଲିକ ପଦ୍ମଜା ଦାଶ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପଦ୍ମଜାଙ୍କ ଏକ ବୁଲେଟ ଗାଡ଼ି ଥିବାରୁ ସେ ଏହାକୁ ବିକ୍ରି କରିବାକୁ ଚାହୁଁଥିଲେ। ତେଣୁ ଉକ୍ତ ଗାଡ଼ି ବିକ୍ରି ପାଇଁ ଓଏଲ୍ଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହି ବିଜ୍ଞାପନ ଦେଖି ମାନସ ରଞ୍ଜନ ବିଶ୍ୱାଳ ନାମକ ଜଣେ ଯୁବକ ଯୋଗାଯୋଗ କରିଥିଲେ। ଉକ୍ତ ଯୁବକ ତାଙ୍କୁ ଗାଡ଼ିବିକ୍ରି ନ କରି ଗାଡ଼ି ମାସକୁ ଭଡ଼ା ଦେବାକୁ କହିଥିଲେ। ଏହି କଥା ଶୁଣି ପଦ୍ମଜା ଉକ୍ତ ବୁଲେଟ୍‌କୁ ଭଡ଼ା ଆକାରରେ ଦେଇଥିଲେ। ଗାଡ଼ି ନେବା ପରେ ମାନସ ଭଡ଼ା ଟଙ୍କା ଦେଇ ନ ଥିଲେ କି ଗାଡ଼ି ଫେରାଇ ନ ଥିଲେ। ଏନେଇ ବୁଝିବା ପରେ ଜଣାପଡ଼ିଥିଲା ମାନସ ଗାଡ଼ି ଭଡ଼ାକୁ ନେବା ପରେ ଏହି ଗାଡିକୁ ଅନ୍ୟ ଜଣଙ୍କ ନିକଟରେ ବନ୍ଧା ରଖି ୧ଲକ୍ଷ ଟଙ୍କା ସୁଧକୁ ନେଇଛନ୍ତି। ତେଣୁ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

ବୁକ୍ ଷ୍ଟୋର୍ ଉପରେ ପୁଲିସ ଓ ଏନ୍‌ସିଇଆର୍‌ଟିର ଛାଟ

# ୧୦ ଲକ୍ଷର ନକଲି ବହି ଜବତ

ଭୁବନେଶ୍ୱର, ୪।୫(ସମିସ):

ରାଜଧାନୀରେ ନକଲି ବହି ଛାପି କାରବାର ଚଳାଇଥିବା ୩ଟି ବହି ଦୋକାନ ଓ ଗୋଦାମ ଉପରେ ଚଢ଼ଉ କରିଛି କମିସନରେଟ୍ ପୁଲିସ। ମାଷ୍ଟରକ୍ୟାଣ୍ଟିନ ଥିବା ବିଦ୍ୟାର୍ଥୀ ବୁକ୍ ଷ୍ଟୋର, ୟୁନିଟ୍-୯ରେ ଥିବା ମା' ମଙ୍ଗଳା ବୁକ୍ ଷ୍ଟୋର ଓ ରବିଟକିଜ ନିକଟ ଶୁଭମ୍ ବୁକ୍ ଷ୍ଟୋରର ଗୋଦାମରୁ ୧୦ ଲକ୍ଷରୁ ଅଧିକ ଟଙ୍କାର ନକଲି ବହି ଓ ଅଟୋକୁ ଜବତ କରାଯାଇଛି। ଏଥିରେ

**ଫସିଲେ ୩ ଦୋକାନୀ; ୪ ଅଟକ**

**ଅଟୋ ଜବତ, ପୁଲିସ ସ୍କାନର୍‌ରେ ଛାପାଖାନା**

ସମ୍ପୃକ୍ତି ଅଭିଯୋଗରେ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଖାରବେଳ ନଗର ଥାନା ପୁଲିସ। ଏଥିସହ ବହି ଛପାଯାଉଥିବା ଛାପାଖାନାଗୁଡ଼ିକୁ ତଦନ୍ତ ପରିସରଭୁକ୍ତ କରାଯିବ। ନକଲି ବହିର ଉତ୍ସର ବିଷୟରେ ଜାଣିବାକୁ ଖୋଳତାଡ଼ କରାଯାଉଛି। ଆସନ୍ତାକାଲି ଅଭିଯୁକ୍ତଙ୍କ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ ବୋଲି ପୁଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ଖାରବେଳ ନଗର ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ବିଦ୍ୟାର୍ଥୀ ବୁକ୍ ଷ୍ଟୋର ନକଲି ବହି ବିକୁଥିବା ନେଇ ଏନ୍‌ସିଇଆର୍‌ଟି ପକ୍ଷରୁ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବୁକ୍ ଷ୍ଟୋରରେ ଚଢ଼ଉ କରାଯାଇ କିଛି ନକଲି ବହି ଜବତ ହୋଇଥିଲା। ସେଠାରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ପଚରାଉଚରା କରିବାରୁ ଏହି ବହିଗୁଡ଼ିକ ସେମାନେ ୟୁନିଟ୍-୯ ଠାରେ ଥିବା ମା' ମଙ୍ଗଳା ବୁକ୍ ଷ୍ଟୋରରୁ ଆଣିଥିବା ଦର୍ଶାଇଥିଲେ। ବିଦ୍ୟାର୍ଥୀ ବୁକ୍ ଷ୍ଟୋରର କର୍ମଚାରୀଙ୍କ ନିକଟରୁ ମିଳିଥିବା ତଥ୍ୟ ଆଧାରରେ ପୁଲିସ ଟିମ୍ ମା' ମଙ୍ଗଳା ବୁକ୍ ଷ୍ଟୋର୍‌ରେ ଚଢ଼ଉ କରିଥିଲେ। ସେଠାରୁ ୩୦୦ ନକଲି ବହି, ଗୋଟିଏ ଅଟୋ ଜବତ କରାଯାଇଥିଲା। ଏହି ନକଲି ବହି କାରବାର ଚଳାଇଥିବା ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ପରେ ସତ ପଦାକୁ ଆସିଥିଲା। ରବିଟକିଜ୍ ଛକରେ ଥିବା ଶୁଭମ୍ ବୁକ୍ ଷ୍ଟୋରରେ ଉକ୍ତ ନକଲି ବହି ସବୁ ଉପଲବ୍ଧ ଥିବା ପୁଲିସ ଟିମ୍ ଜାଣିବାକୁ ପାଇଥିଲେ। ପରେ ମିଳିଥିବା ଏହି ତଥ୍ୟ ଭିତ୍ତିରେ ଟିମ୍ ଅଚାନକ ଶୁଭମ୍ ବୁକ୍ ଷ୍ଟୋର୍‌ରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ



ବିପୁଳ ପରିମାଣର ନକଲି ଏନ୍‌ସିଇଆର୍‌ଟି ପରିଚାଳିତ ନକଲି ବହି ଜବତ କରାଯାଇଛି। ଏହି ନକଲି ବହି କାରବାର ଚଳାଇଥିବା ଶୁଭମ୍ ବୁକ୍ ଷ୍ଟୋରର ୨ଜଣଙ୍କୁ ଅଟକ ରଖାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁକରି ତଦନ୍ତ କରାଯାଉଛି। ଜବତ ବହିଗୁଡ଼ିକର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଅଧିକ ହେବ।

ଶନିବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଖାରବେଳନଗର ଥାନାଧିକାରୀ ରଞ୍ଜନୀକାନ୍ତ ମିଶ୍ରଙ୍କ ସମେତ ପୁଲିସର ଏକ ଟିମ୍ ଚଢ଼ଉକରି ବହିଗୁଡ଼ିକୁ ଜବତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ନ୍ୟାସନାଲ୍ କାଉନ୍‌ସିଲ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆର୍‌ଟି) ବିନା ଅନୁମତିରେ ବହିର ବିଷୟବସ୍ତୁ କିଛି ପ୍ରକାଶନୀ ସଂସ୍ଥା ଛାପୁଥିଲେ। ୱେବ୍‌ସାଇଟ୍‌ରେ ଉପଲବ୍ଧ ବିଷୟବସ୍ତୁକୁ ନେଇ ନିଜ ପ୍ରକାଶନୀ ସଂସ୍ଥା ନାମରେ ଛାପି ବଜାରରେ ବିକ୍ରି କରୁଛନ୍ତି। ରାଜଧାନୀରେ ନକଲି ବହି ବିକ୍ରି ହେଉଥିବା ନେଇ ଏନ୍‌ସିଇଆର୍‌ଟି ନିକଟରେ ବିଦ୍ୟାର୍ଥୀମାନେ ଅଭିଯୋଗ କରିଥିଲେ। ଏନେଇ ଏନ୍‌ସିଇଆର୍‌ଟି ପକ୍ଷରୁ ଅନେକ ବହି ଦୋକାନରେ ଯାଞ୍ଚ କରାଯାଇଥିଲା। କିନ୍ତୁ କିଛି ବି ପ୍ରମାଣ ମିଳି ନ ଥିଲା। ପ୍ରତ୍ୟେକବର୍ଷ କୋଲକାତାରୁ ପ୍ରାୟ ୧୨ କୋଟି ଟଙ୍କାର ବହି ଓଡ଼ିଶା ଆସିଥାଏ। କିନ୍ତୁ ଏବେ ସେଠାରୁ ୨ କୋଟିରୁ କମ୍ ଟଙ୍କାର ବହି ଓଡ଼ିଶାକୁ ଆସୁଥିବାରୁ ଏନ୍‌ସିଇଆର୍‌ଟିର ସନ୍ଦେହ ବଢ଼ିଥିଲା। ଏନ୍‌ସିଇଆର୍‌ଟି ନିକଟରେ ଏକାଧିକ ଅଭିଯୋଗ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ସହ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ କପିରାଇଟ୍ ନିୟମରେ ମାମଲା ରୁଜୁ କରାଯିବ ବୋଲି ଚେତାଇ ଦିଆଯାଇଥିଲା। ଏଥିସହ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମର ସମ୍ପୂର୍ଣ୍ଣ ବା ଆଂଶିକ ବିଷୟବସ୍ତୁ ପ୍ରକାଶିତ କରିଥିବା କୌଣସି ପ୍ରକାଶନୀ ସଂସ୍ଥାର ପୁସ୍ତକ ନ କିଣିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି। ଏନ୍‌ସିଇଆର୍‌ଟି ପକ୍ଷରୁ ଏହି ଅଭିଯୋଗ ପରେ କମିସନରେଟ ପୁଲିସ ପକ୍ଷରୁ ପ୍ରଥମ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କେବଳ ଓଡ଼ିଶାରେ ନୁହେଁ ଗୌହାଟି, ଦିଲ୍ଲୀ ଆଦି ସହରରୁ ମଧ ବିପୁଳ ପରିମାଣରେ ନକଲି ବହି ଜବତ କରାଯାଇଥିବା ଏନ୍‌ସିଇଆର୍‌ଟି ଅଧିକାରୀ ସୂଚନା ଦେଇଛନ୍ତି।

## ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଆତ୍ମହତ୍ୟା; ଯୁବକ ଗିରଫ

ଭୁବନେଶ୍ୱର, ୪।୫ (ସମିସ): ଦୁଷ୍କର୍ମର ଶିକାର ନାବାଳିକା ଜୀବନ ହାରିବା ପରେ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା କନ୍ଧମାଳ ଜିଲ୍ଲା ଟିକାବାଲି ଥାନା କଳିଙ୍ଗ ଆର



କ୍ରିଷ୍ଣା ପ୍ରଧାନ ଓରଫ୍ ଦୀପକ (୧୮)। ପୁଲିସ ସୂଚନା ଅନୁଯାୟୀ, ନୂଆପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାର ସିଟି ସାନିଟାରୀ ଗଳିରେ ପରିବାର ସହିତ ରହୁଥିବା ଜଣେ ନାବାଳିକା ଗତ ଗୁରୁବାର ରାତିରେ ଘରେ ଏକୁଟିଆ ଥିବାବେଳେ ଦୀପକ ତାଙ୍କ ଘରକୁ ଆସିଥିଲା। ନାବାଳିକାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ମୋବାଇଲ୍ ଫୋନକୁ ଛଡ଼ାଇ ନେଇଥିଲା ଦୀପକ। ନାବାଳିକାଙ୍କୁ ଭୟଭୀତ କରି ତାଙ୍କ ସହିତ ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିଥିଲା ଓ ଘଟଣା ସମ୍ପର୍କରେ ସେ କାହାକୁ କିଛି ନ କହିବା ଲାଗି ଧମକ ମଧ ଦେଇଥିଲା। ଏହି ଘଟଣାରେ ଗଭୀର ଭାବେ ମର୍ମାହତ ହୋଇ ନାବାଳିକା ପରଦିନ ଅର୍ଥାତ ଶୁକ୍ରବାର ସକାଳେ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ସଦସ୍ୟ ଓ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ମଧ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ନାବାଳିକାଙ୍କ ମାଆ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଶନିବାର ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ମହିଳାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ; ଜଣେ ଗିରଫ

ଭୁବନେଶ୍ୱର, ୪।୫ (ସମିସ): ଏକତରଫା ପ୍ରେମରେ ବିଫଳ ହେବାରୁ ମହିଳାଙ୍କ ସାନ ଭଉଣୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଇଞ୍ଜଣା ମହାବୀର ବିହାରର ଅକ୍ଷୟ କୁମାର ବେହେରା (୪୪)। ପୁଲିସ ସୂଚନା ଅନୁଯାୟୀ, ପଟିଆ ରେଳ ଷ୍ଟେସନ୍ ଅଞ୍ଚଳରେ ରହୁଥିବା ପଙ୍କଜିନୀ ସାସମଲଙ୍କ ବଡ଼ ଭଉଣୀ ରଶ୍ମୀରେଖାଙ୍କୁ ଅକ୍ଷୟ ଏକ ପାଖିଆ ପ୍ରେମ କରୁଥିଲା। ସେ ବିବାହିତା ହୋଇଥିବା ହେତୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେଣୁ ଅକ୍ଷୟ ପଙ୍କଜିନୀଙ୍କୁ ମାରିଦେବେ ବୋଲି ଧମକ ମଧ ଦେଇଥିଲେ। ଗତକାଲି ସନ୍ଧ୍ୟାରେ ପଙ୍କଜିନୀ ପଟିଆସ୍ଥିତ କର୍ମସ୍ଥଳରୁ ସ୍କୁଟି ଯୋଗେ ଘରକୁ ଫେରିବା ବେଳେ ପଟିଆ-ସିପିଇଟି ରାସ୍ତାରେ ଅକ୍ଷୟ ନିଜ ପିକ୍‌ଅପ ଭ୍ୟାନ୍‌କୁ ଦ୍ରୁତ ଗତିରେ ଚଳାଇ ଆଣି ତାଙ୍କ ସ୍କୁଟିକୁ ପଛପାଖରୁ ଖୁବ ଜୋର୍‌ରେ ଧକ୍କା ଦେଇଥିଲା। ପଙ୍କଜିନୀ ତଳେ ପଡ଼ିଯିବା ପରେ ଅକ୍ଷୟ ତାଙ୍କୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ଅକ୍ଷୟକୁ କାବୁକରି ପୁଲିସକୁ ହସ୍ତାନ୍ତର କରିଥିଲେ। ଏଥିରେ ପଙ୍କଜିନୀଙ୍କ ଡାହାଣ ହାତ ହାଡ଼ ଭାଙ୍ଗି ଯାଇଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା

**ନିର୍ବାଚନ ପାଇଁ ପ୍ରଶାସନ ସଜାଗ**

# ଏଯାଏଁ ମିଳିଲାଣି ୮୪.୫ ଲକ୍ଷ

ଭୁବନେଶ୍ୱର, ୪।୫(ସମିସ):

ରାଜ୍ୟରେ ନିର୍ବାଚନ ତାରିଖ ପାଖେଇଲାଣି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଭୋଟ୍ ହାତେଇବାକୁ ଭୋଟର୍‌ଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇଥାନ୍ତି। ନିର୍ବାଚନ ପାଖେଇବା ସମୟରେ ନଗଦ ଟଙ୍କା କାରବାର ଅହେତୁକ ବଢ଼ିଥାଏ। ଏହି ସମୟରେ ଟଙ୍କା କାରବାର ରୋକିବାକୁ ପ୍ରଶାସନ ସଜାଗ୍ ହୋଇଛି। ଗଲା କିଛିଦିନ ହେବ ଭୁବନେଶ୍ୱରରୁ ୮୪.୩ ଲକ୍ଷ ଟଙ୍କା ମିଳିଥିବା ସୂଚନା ମିଳିଛି। ଭୁବନେଶ୍ୱର ବିମାନବନ୍ଦରରୁ ୩ଜଣ ଯାତ୍ରୀଙ୍କ ଠାରୁ ୭୬ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱରରେ ନାକାବନ୍ଦୀ କରି ୨ଟି କାର୍‌ରୁ ୫.୭୫ ଲକ୍ଷ ଟଙ୍କା ଜବତ କରାଯାଇଥିବାବେଳେ ଶନିବାର ପୁଣି ୩.୫ ଲକ୍ଷ ଟଙ୍କା ଜବତ କରାଯାଇଛି।

ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କ ଲଗେଜ ସ୍କାନିଂ କରାଯାଇ ବ୍ୟାଗ୍‌ରୁ ୫୦ ଲକ୍ଷ ଟଙ୍କା ମିଳିଥିଲା। ସେପରି ଚେନ୍ନାଇରୁ ଜଣେ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ୨୫ ଲକ୍ଷ ଟଙ୍କା ଓ ଅନ୍ୟ ଜଣେ ଯାତ୍ରୀଙ୍କ ବ୍ୟାଗ୍‌ର ୧ ଲକ୍ଷ ଟଙ୍କା ମିଳିଥିଲା। ୫୦ ଓ ୨୫ ଲକ୍ଷ ମାମଲାରେ ଆୟକର ବିଭାଗ ତଦନ୍ତ କରୁଥିବା ବେଳେ ୧ ଲକ୍ଷ ଟଙ୍କା ମାମଲାରେ

- ରାସ୍ତାରୁ ୫.୭୫ ଲକ୍ଷ ଓ ବିମାନବନ୍ଦରରୁ ୭୬ ଲକ୍ଷ ଜବତ
- ୫୦ହଜାରରୁ ଅଧିକ ଟଙ୍କା ମିଳିଲେ ତଦନ୍ତ ପରିସରଭୁକ୍ତ
- ୧୦ ଲକ୍ଷ ଟପିଲେ ଆଇଟି ଓ ୫୦ ଟପିଲେ ଇଡି
- ୨୦ ଟିମ୍‌କୁ ନେଇ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠିତ



ଏୟାରପୋର୍ଟ ଥାନା ପୁଲିସ ତଦନ୍ତ କରୁଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ଓମ୍‌ଫେଡ୍ ଛକରୁ ଏକ ଦାମୀ କାରରୁ ନଗଦ ୩ଲକ୍ଷ ୬୦ହଜାର ଟଙ୍କା ଜବତ ହୋଇଥିଲା। ଜଣେ ପାଣି ବ୍ୟବସାୟୀଙ୍କ ଟଙ୍କା ବୋଲି ଜଣାପଡ଼ିଥିଲା। ସେଭଳି ନନ୍ଦନକାନନ-ବାରଙ୍ଗ ରାସ୍ତାର ଏକ କାର୍‌ରୁ ୨ ଲକ୍ଷ ୫ହଜାର ଟଙ୍କା ଜବତ କରାଯାଇଛି।

ରାଜଧାନୀରୁ ଜବତ ହେଉଥିବା ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧା ସ୍ଥିତ ଜିଲ୍ଲା ଅଭିଯୋଗପ୍ରକୋଷ୍ଠ କମିଟି ନିକଟରୁ ତାଙ୍କୁ ଅନୁମତିପତ୍ର ଆଣିବା ବାଧ୍ୟତାମୂଳକ। ଉପରୋକ୍ତ ଜବତ ଟଙ୍କାର ସନ୍ତୋଷଜନକ ଉତ୍ତର ସହ ପ୍ରମାଣପତ୍ର ଦେଖାଇବା ପରେ ଟଙ୍କାକୁ ମୁକୁଳାଇ ନେଇପାରିବେ ସମ୍ପୃକ୍ତ ବ୍ୟକ୍ତି। ଜବତ ଟଙ୍କାର ତଦନ୍ତ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜବତ ହେଉଥିବା ଟଙ୍କାର ତଦନ୍ତ ଲାଗି ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ଜଣେ ବ୍ୟକ୍ତି ୫୦ହଜାର ଟଙ୍କା ନେଇ ଯିବା ସମୟରେ ଏନ୍‌ଫୋର୍ସମେଣ୍ଟ

**ପୁଣି ମିଳିଲା ୩.୫ ଲକ୍ଷ**

ଶନିବାର ସନ୍ଧ୍ୟାରେ ଏୟାରପୋର୍ଟ ଥାନା ପୁଲିସ ୩ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ପୋଖରୀପୁଟ ଛକ ଦେଇ ଏକ କାର ଟଙ୍କା ନେଇ ଯାଉଥିବା ଏୟାର୍‌ପୋର୍ଟ ପୁଲିସକୁ ଖବର ମିଳିଥିଲା। ପୁଲିସ ଓ ଏସ୍‌ଏସ୍‌ଟି ଟିମ୍ ସେଠାରେ ଚଢ଼ଉ କରି କାର୍‌କୁ ଅଟକ ରଖିଛି। ତେବେ ଏତେ ପରିମାଣର ଟଙ୍କା କେଉଁଠାରୁ କୁଆଡ଼େ ଯାଉଥିଲା ତାର ଖୋଳତାଡ଼ କରୁଛି ପୁଲିସ।

ଟିମ୍ ହାତରେ ଧରାପଡ଼ିଲେ ତଦନ୍ତ ପରିସରଭୁକ୍ତ ହେବ। ୫୦ହଜାରରୁ ୧୦ ଲକ୍ଷ ପର୍ଯ୍ୟନ୍ତ ନଗଦ ଟଙ୍କା ନେଇ ଯାଇ ଧରାପଡ଼ିଲେ କମିସନରେଟ୍ ପୁଲିସ କିମ୍ବା ଫ୍ଲାଇଙ୍ଗ୍‌ସ୍କ୍ୱାଡ ପକ୍ଷରୁ ତଦନ୍ତ କରାଯିବ। ଏହି ଟଙ୍କା ୧୦ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜବତ ହେଲେ ମାମଲା ରୁଜୁ କରି ତଦନ୍ତ କରିବ ଆୟକର ବିଭାଗ। ଆଉ କୋଟିଏ କିମ୍ବା ତା'ଠାରୁ ଅଧିକ ଟଙ୍କା ମିଳିଲେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ତଦନ୍ତ କରାଯିବ। ସେମାନେ ଟଙ୍କାର ଉତ୍ସ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ସହ ଶେଷ କରିବାକୁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି। ନିର୍ବାଚନ ସମୟରେ ଟଙ୍କା, ମାଦକଦ୍ରବ୍ୟ, ଉପହାର, ବ୍ରାଉନ୍‌ସୁଗର, ଅନ୍‌ଲାଇନ୍‌ରେ ଟଙ୍କା ନେଣଦେଣ ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଛି। ଏହାକୁ ରୋକିବା ସହ ୨୦ଟି ବିଭାଗକୁ ନେଇ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥାଏ। ରାଜ୍ୟ ପୁଲିସ, ଅବକାରୀ ବିଭାଗ, କେନ୍ଦ୍ରୀୟ ଜିଏସ୍‌ଟି ଓ ସୀମାଶୁଳ୍କ ବିଭାଗ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ବା ଡିଆର୍‌ଆଇ, ସିଆଇଏସ୍‌ଏଫ୍, ଆୟକର ବିଭାଗ, ଇଡି, ପରିବହନ ବିଭାଗ, ଏୟାରପୋର୍ଟ କର୍ତ୍ତୃପକ୍ଷ, ଡାକ ବିଭାଗ, ଆର୍‌ବିଆଇ, ନାର୍କୋଟିମ୍ କଣ୍ଟ୍ରୋଲ ବ୍ୟୁରୋ ବା ଏନ୍‌ସିବି, ତଟରକ୍ଷୀ ବାହିନୀ, ରେଳବାଇ ଓ ଆର୍‌ପିଏଫ୍, ବନବିଭାଗ ଓ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ବ୍ୟୁରୋ ଭଳି ତଦନ୍ତକାରୀ ଟିମ୍ ନେଇ ଗଠନ କରାଯାଇଛି।

**ନିରୁଦ୍ଦିଷ୍ଟ**



ନାମ-ସିଦ୍ଧାର୍ଥ ଦାସ @ ହେଲ୍‌ମେଟ୍ @ କଲ୍ୟାଣ, ବୟସ-୧୩, ବାପା-ଅଶୋକ ଦାସ, ମାଆ- ସ୍ୱର୍ଗତ କୌଶଲ୍ୟା ଦାସ, ଶବର ସାହି, ବେଗୁନିଆପଡା, ଭଦ୍ରେଶ୍ୱର, କଟକ। ସେ ତା.୧୨.୦୮.୨୦୨୩ରିଖରେ ଉତ୍କଳ ବାଳାଶ୍ରମ, ନୂଆପଡା, କଟକରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତଳ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ଯୋଗାଯୋଗ : ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ରାଉତ, (ଆଇ.ଆଇ.ସି.) ମଧୁପାଟଣା ଥାନା ମୋ- 7008178040

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୪।୫ (ସମିସ):

ଭରତପୁର ଥାନା ଅଧୀନସ୍ଥ ହନୁମାନ ବସ୍ତିର ଏକ ଭଡ଼ା ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଯୁବତୀ ହେଉଛନ୍ତି ଫାୟାର୍ ଷ୍ଟେସନ ବସ୍ତିର ହାଡ଼ିବନ୍ଧୁ ରାଉତଙ୍କ ଝିଅ ବିଷ୍ଣୁପ୍ରିୟା ରାଉତ (୨୨)। ସେ ଭୁବନେଶ୍ୱର ମହାନଗର ନିଗମରେ ସୁପର୍‌ଭାଇଜର୍ ଭାବେ କାମ କରୁଥିଲେ। ଅଭିଯୋଗ ଅନୁଯାୟୀ, ବିଷ୍ଣୁପ୍ରିୟାଙ୍କ ପରିବାର ଲୋକେ ଫାୟାର୍‌ଷ୍ଟେସନ ବସ୍ତିରେ ରହୁଥିବାବେଳେ ସେ ଓ ତାଙ୍କ ସାଙ୍ଗ ସୁମିତ୍ରା ପ୍ରାୟ ୩ ବର୍ଷ ହେବ ହନୁମାନ ବସ୍ତିରେ ଭଡ଼ାରେ ରହୁଥିଲେ। କିଛିଦିନ ପୂର୍ବେ ବିଷ୍ଣୁପ୍ରିୟା ଫାୟାର୍‌ଷ୍ଟେସନ ବସ୍ତିରେ ଥିବା ତାଙ୍କ ଘରକୁ ଯାଇଥିବା ବେଳେ ଗତ ଗୁରୁବାର ରାତିରେ ସୁମିତ୍ରା ସେଠାକୁ ଯାଇ ତାଙ୍କୁ ଡାକିଥିଲେ। ଉଭୟ ମିଶି ଭରତପୁର ହନୁମାନ ବସ୍ତିକୁ ଫେରିଥିଲେ। ଶୁକ୍ରବାର ଅପରାହ୍ଣରେ ସୁମିତ୍ରା କୌଣସି କାମରେ ବାହାରକୁ ଯାଇଥିବାବେଳେ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

**ପୁଲିସ ମଗାଇଛି ସିଡିଆର୍ ରିପୋର୍ଟ**



ବିଷ୍ଣୁପ୍ରିୟା ଏକାକୀ ଘରେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରର କବାଟ ନ ଖୋଲିବାରୁ ପଡୋଶୀମାନେ ସନ୍ଦେହ କରି କବାଟ ବାଡ଼େଇଥିଲେ। ତଥାପି ଭିତର ପଟରୁ କୌଣସି ଉତ୍ତର ନ ମିଳିବାରୁ ସେମାନେ ସ୍କାଏ ଲାଇଟ ପଟରେ ନିଶୁଣି ପକାଇଥିଲେ। ବିଷ୍ଣୁପ୍ରିୟା ବେକରେ ଗାମୁଛା ଓ ଲୁଙ୍ଗି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଭରତପୁର ଥାନା ପୁଲିସ ବିଷ୍ଣୁପ୍ରିୟାଙ୍କ ବାପାମାଆଙ୍କ ଉପସ୍ଥିତରେ କବାଟ ଭାଙ୍ଗି ଝୁଲନ୍ତା ମୃତଦେହ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲା। ବିଷ୍ଣୁପ୍ରିୟା ଗାମୁଛା ଓ ଲୁଙ୍ଗିକୁ ଗଣ୍ଠି ପକାଇ ଯୋଡ଼ି ତାକୁ ବେକରେ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିବା ପୁଲିସ ଅନୁମାନ କରୁଛି। ସେପଟେ ବିଷ୍ଣୁପ୍ରିୟାଙ୍କ ଆତ୍ମହତ୍ୟା ପରେ ସୁମିତ୍ରା କେଉଁଆଡେ ଫେରାର ହୋଇ ଯାଇଛନ୍ତି। ଏମିତିକି ତାଙ୍କ ମୋବାଇଲ ମଧ ସୁଇଚ ଅଫ୍ ଆସୁଛି। ଝିଅକୁ ହତ୍ୟା କରି ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ବାପା ହାଡ଼ିବନ୍ଧୁ ରାଉତ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହିତ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ମୃତଦେହ ନିକଟରୁ ବିଷ୍ଣୁପ୍ରିୟାଙ୍କ ମୋବାଇଲ୍ ଫୋନ ଜବତ ହୋଇଛି। ମୋବାଇଲ୍ ନମ୍ବର ଆଧାରରେ କଲ୍ ଡିଟେଲ ରେକର୍ଡ (ସିଡିଆର) ରିପୋର୍ଟ ମଗାଇଛି ପୁଲିସ। କଲର ସମସ୍ତ ତଥ୍ୟ ପୁଲିସ ହାତରେ ଲାଗିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ଆଶା ବାନ୍ଧିଛି। ଏଥିସହିତ ଶବ ବ୍ୟବଚ୍ଛଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନାରାୟଣ ସାହୁ

ବରିଷ୍ଠ ସମାଜସେବୀ,
ସୋଲପେଟା, କୋରେଇ, ଯାଜପୁର
ଆବିର୍ଭାବ: ୧୯.୦୮.୧୯୫୧ । ତିରୋଧାନ: ୨୫.୦୪.୨୦୨୪

ଆପଣଙ୍କ ଅନାବିଳ ସ୍ନେହଶ୍ରଦ୍ଧା ଓ ମାର୍ଗଦର୍ଶନ ଆମର ପାଥେୟ ହେଉ। ଆପଣଙ୍କ ପ୍ରତିଟି ସ୍ମୃତି ଅଭୁଲା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।

ଆପଣଙ୍କ ହତଭାଗ୍ୟ

ଜଗବନ୍ଧୁ, ବିଦ୍ୟାଧର, ଅକ୍ଷୟ, ଶ୍ରୀଧର, ସୁରେଶ, ପରେଶ, ଆନନ୍ଦ, ବିନୋଦ, ରଙ୍କୁ, ସୁବାସ, ପ୍ରମିଳା, ଜାନକୀ, ସବିତା, କବିତା, ସସ୍ମିତା, ରିତା, ଲିଜା, ଲିଟୁ, ଲିନୁ, ସୁଲଗ୍ନା, ଶ୍ରୀଭଶ୍ରୀ, ପ୍ରୀତି, ପ୍ରାଚୀ, ଓମ୍, ସାଇ, ରାମ, ଶ୍ୟାମ ଓ ଦାମ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଗ୍ରାମବାସୀ ଓ ଛାତ୍ରସମାଜ



# ଯୁବତୀଙ୍କୁ କମେଣ୍ଟ, ପୁରୁଷ ବନ୍ଧୁଙ୍କୁ ଛୁରାମାଡ଼

## ଅଭିଯୁକ୍ତ ଗିରଫ, ଛୁରି ଜବତ

ଭୁବନେଶ୍ୱର/ଧଉଳି ୪।୫ (ସମିସ): ଯୁବତୀଙ୍କୁ କମେଣ୍ଟ ମାରିବା ଓ ପୁରୁଷ ବନ୍ଧୁଙ୍କୁ ଛୁରାମାଡ଼ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅମୂଲ୍ୟ ଶତପଥୀ (୩୦)।



ପୁଲିସ ସୂଚନା ଅନୁସାରେ, ଧଉଳି ଥାନା ଅନ୍ତର୍ଗତ ଏକ କଲେଜରେ ପଢୁଥିବା ପଲ୍ଲବୀ ଓ ତାଙ୍କ ସାଙ୍ଗମାନେ ଗତ ଧଉଳି ମହୋତ୍ସବକୁ ବୁଲିବା ଯାଇଥିଲେ। ଫେରିବା ବେଳେ ପଲ୍ଲବୀଙ୍କ ପିଛାକରିଥିଲେ ଧଉଳି ଥାନା ଆଗରେ ଦୋକାନ କରିଥିବା ଅମୂଲ୍ୟ। ପଲ୍ଲବୀଙ୍କୁ ମେସ୍‌ରୁ ଡାକି କଥା ହେବା ପାଇଁ ଚାହୁଁଥିଲା ଅମୂଲ୍ୟ। ଏହାକୁ କେନ୍ଦ୍ରକରି ଅମୂଲ୍ୟ ସହ ପଲ୍ଲବୀଙ୍କ ବାନ୍ଧବୀଙ୍କ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ପଲ୍ଲବୀ ଓ ତାଙ୍କ ପୁରୁଷ ବନ୍ଧୁ ଶିବ ମଣ୍ଡଳଙ୍କୁ ଦେଖାଇ ବିରକ୍ତିକର ଉପହାସ କରୁଥିଲା ଅମୂଲ୍ୟ। ଶୁକ୍ରବାର ସନ୍ଧ୍ୟାରେ ଶିବ ଓ ପଲ୍ଲବୀ ଧଉଳି ପାର୍ଶ୍ୱକୁ ଆସୁଥିବା ବେଳେ ଅମୂଲ୍ୟ ପୂର୍ବଭଳି ସେମାନଙ୍କୁ ଦେଖି ଉପହାସ କରିଥିଲା। ଏହାପରେ ଶିବ ମଟରସାଇକଲଟିକୁ ବୁଲାଇ ଅମୂଲ୍ୟର ଦୋକାନ ନିକଟକୁ ଆସିଥିଲେ। ଅମୂଲ୍ୟ ଶିବଙ୍କୁ ଚାପୁଡ଼ା ମାରିଥିଲା। ଏଥିସହିତ ଶିବଙ୍କ ଡାହାଣ ପାର୍ଶ୍ୱ ଛାତିକୁ ଛୁରା ମାଡ଼ କରିଥିଲା ଅମୂଲ୍ୟ। ଏଥିରେ ଶିବ ଗୁରୁତର ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅମୂଲ୍ୟକୁ ଗିରଫ କରିବା ସହିତ ଛୁରି ଜବତ କରାଯାଇଥିଲା।

■ ପାଣିନେବାକୁ କେନ୍ଦ୍ରକରି ଆକ୍ରମଣ

# ପରିବାରର ୩ ଗିରଫ

ଭୁବନେଶ୍ୱର, ୪।୫ (ସମିସ): ପାଣି ନେବାକୁ କେନ୍ଦ୍ରକରି ଆକ୍ରମଣ କରିଥିବା ଅଭିଯୋଗରେ ପତିପତ୍ନୀ ଓ ଝିଅଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଶାନ୍ତି ବିହାରର ଜିତେନ୍ଦ୍ର ମିଶ୍ର (୪୨), ପତ୍ନୀ ପ୍ରୀତି ମିଶ୍ର (୪୫) ଓ ଝିଅ ଇତି ମିଶ୍ର। ପୁଲିସ ସୂଚନା ଅନୁସାରେ, ଗୁରୁମୂର୍ତ୍ତି ଓ ତାଙ୍କର ସହଯୋଗୀ ସଙ୍ଗୀତା ଡାକୁଆ ମିଶି କିମ୍ସ ହସ୍ପିଟାଲ୍ ପାଖରେ ଏକ ହୋଟେଲ ବ୍ୟବସାୟ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ପାଣି ସରିଯିବାରୁ ସହଯୋଗୀ ସଙ୍ଗୀତା ନିକଟରେ ଥିବା ଏକ ବିଏମ୍ସି ଟ୍ୟାପରୁ ପାଣି ଆଣିବା ଲାଗି ଯାଇଥିଲେ। ସଙ୍ଗୀତା ସେଠାରୁ ପାଣି ସଂଗ୍ରହ କରି ଆଣିବା ସମୟରେ ପ୍ରୀତି ଆସି ନିଜକୁ ସ୍ଥାନୀୟ ବାସିନ୍ଦାର ପରିଚୟ ଦେଇ ପ୍ରଥମେ ସେ ପାଣି ନେବା ପାଇଁ କହି ଯୁକ୍ତି କରିଥିଲେ। ସଙ୍ଗୀତା ସେଠାରୁ ଗୁରୁମୂର୍ତ୍ତିଙ୍କ ଘରକୁ ଫେରିଆସିଥିବା ବେଳେ ଜିତେନ୍ଦ୍ର, ପ୍ରୀତି ଓ ଇତି ତାଙ୍କ ଘରକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଘଟଣାର ଆପୋଷ ସମାଧାନ ତଥା ସହାୟତା ପାଇଁ ଗୁରୁମୂର୍ତ୍ତି ତାଙ୍କ ଭାଇ ନିଲୁ ମହାକୁଡ଼ଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ନିଲୁ ସେଠାରେ ପହଞ୍ଚିବା କ୍ଷଣି ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ହଠାତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ନିକଟସ୍ଥ କିମସ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯକ୍ତମାନେ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ସୁନା ଚେନ୍ ଛଡ଼ାଇ ନେଇଯାଇଥିଲେ। ଏନେଇ ଗୁରୁମୂର୍ତ୍ତି ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ପତିପତ୍ନୀ ଓ ଝିଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଜଧାନୀ ରାସ୍ତାକଡ଼ରୁ ବଡ଼ଗଛ ଉଭାନ୍

ଭୁବନେଶ୍ୱର, ୪।୫(ସମିସ):



**ଖରାଦିନେ କାମରେ ଆସୁନି ମେଡିଆନ୍**

ରାଜଧାନୀର ଅଧିକାଂଶ ରାସ୍ତା କଡ଼, ମେଡିଆନ୍‌ରୁ ଏବେ ବଡ ବଡ଼ ଗଛ ଉଭାନ ହୋଇଯାଇଛି। ଆକାଶରୁ ହେଉଥିବା ଅଗ୍ନିବର୍ଷା ଯାତ୍ରୀଙ୍କୁ ସିଧାସଳଖ ପ୍ରଭାବିତ କରୁଛି। ଅନ୍ୟପକ୍ଷରେ ସୌନ୍ଦର୍ଯ୍ୟକରଣ ଆଳରେ ମେଡିଆନ୍‌ଗୁଡ଼ିକୁ କେଉଁଠି କଂକ୍ରିଟ୍‌ରେ ନିର୍ମାଣ କରାଯାଉଛି, ପୁଣି କେଉଁଠି ପେଭର ବିଛାଇ ଦିଆଯାଉଛି। କିଛି ସ୍ଥାନରେ ମେଡିଆନ୍‌ଗୁଡ଼ିକରେ ଦାମୀ ପଥର ବି ଖଞ୍ଜାଯାଇଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଇ ଦିଆଯାଇଛି। କିଛି ସ୍ଥାନରେ ଛୋଟ ଛୋଟ ସୋ'ଗଛ ବି ଲଗାଯାଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଚକାଚକ୍ ଦେଖାଯାଉଥିବା ଏହି ମେଡିଆନ୍‌ଗୁଡ଼ିକ ପ୍ରଚଣ୍ଡ ଖରାରେ ଲୋକଙ୍କ କୌଣସି କାମରେ ଆସୁନାହିଁ। ଛୋଟଗଛ ଛାଇ ଦେଇ ପାରୁନାହିଁ, ଓଲଟା ମଉଳି ଯାଉଛି। କଂକ୍ରିଟ୍ ଏବଂ ପେଭର ନିର୍ମିତ ମେଡିଆନ୍ ଖରାବେଳେ ଉତ୍ତପ୍ତ ହୋଇ ଗରମ ବଢ଼ାଉଛି। ପରିସ୍ଥିତି ଏଭଳି ହେଲାଣି ଯେ ଟ୍ରାଫିକ୍ ପୋଷ୍ଟଗୁଡ଼ିକ ନିକଟରେ ଖରାରୁ ରକ୍ଷା ପାଇବା ପାଇଁ ବିଏମ୍ସି ପକ୍ଷରୁ ଅସ୍ଥାୟୀ ଗ୍ରୀନ୍ ଶେଡ୍ ଟଣାଯାଉଛି। ସାମାନ୍ୟ କାଳ ବୈଶାଖିରେ ଗ୍ରୀନ୍ ସେଡ୍ ଛିନ୍‌ଛତର୍ ହେବାର ସମ୍ଭାବନା ରହିଛି।

ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍, ଜୟଦେବ ବିହାରରୁ ଜାଭିୟର ଛକ, ସହର ଭିତରେ ଯାଉଥିବା ଜାତୀୟ ରାଜପଥ ୧୬, ବିଜେବି କଲେଜରୁ ଲିଙ୍ଗିପୁର ବାଇପାସ୍ ପର୍ଯ୍ୟନ୍ତ ରାସ୍ତାରେ ଥିବା ମେଡିଆନ୍‌ରେ ଗୋଟିଏ ବି ବଡ଼ ଗଛ ନାହିଁ। ରାସ୍ତାରେ ଗଲାବେଳେ ପିଚୁ ତାତି ଯାଉଛି। ଦେହରେ ଗରମ ପବନ ମାଡ଼ ହେଉଛି। ଟ୍ରାଫିକ୍‌ରେ ନାଲି ଲାଇଟ୍ ଜଳିଗଲେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି।

ଅନ୍ୟପକ୍ଷରେ ଆଚାର୍ଯ୍ୟ ବିହାରରୁ ସୈନିକ ସ୍କୁଲ, ଏଜି ଛକରୁ ରାଜଭବନ ଛକ, ଡେଲ୍‌ଟା ଛକ ମେଡିଆନରେ ବଡ଼ ବଡ ଗଛ ରହିଛି। ଏହା ଯାତ୍ରୀଙ୍କୁ ଖରାବେଳେ ଛାଇ ଦେଉଛି। ଏଠାରେ ପ୍ରଚଣ୍ଡ ଖରାରେ ପିଚୁ ତାତୁ ନାହିଁ। ଟାଣ ଖରାରେ ବି ସମ୍ପୂର୍ଣ୍ଣ ରାସ୍ତା ଥଣ୍ଡା ରହୁଛି। ଏଠାରେ କୌଣସି ଗ୍ରୀନ୍ ସେଡ୍ ଆବଶ୍ୟକତା ମଧ୍ୟ ପଡୁ ନାହିଁ। ଯାତ୍ରୀମାନେ ଏହି ରାସ୍ତାକୁ ସୁଖଦଃ ଯାତ୍ରା ଭାବେ ସମ୍ବୋଧନ କରୁଛନ୍ତି। ସେହିପରି କଳ୍ପନା ଛକରେ ମଧ୍ୟ ଏକ ବିଶାଳ ଚାକୁଣ୍ଡା ଗଛ ଥିବାରୁ ଯାତ୍ରୀମାନେ ଛାଇ ପାଉଛନ୍ତି, ହଇରାଣ ହେଉ ନାହାନ୍ତି। ଏଭଳି ଢଙ୍ଗରେ ରାଜଧାନୀର ବିଭିନ୍ନ ମେଡିଆନ୍‌ଗୁଡ଼ିକର ପରିକଳ୍ପନା କରାଯାଉ। ସିଙ୍ଗାପୁର ଏବଂ ଇଣ୍ଡୋନେସିଆ ଭଳି ଦେଶରେ ଛାଇ ପାଇଁ ମେଡିଆନ୍‌ଗୁଡ଼ିକରେ ଚାକୁଣ୍ଡା ଲଗାଇଯାଇଛି। ରାସ୍ତାରେ ଛାଇ ପ୍ରଦାନ କରିବା ଏହା ଏକ ଶ୍ରେଷ୍ଠ ଚିରସ୍ଥାୟୀ ଉପାୟ ବୋଲି ଅର୍ବାନ ପ୍ଲାନର ଡଃ ପୀୟୂଷ ରାଉତ କହିଛନ୍ତି। ସେହିପରି ରାସ୍ତାରେ ଛାଇ ପାଇଁ ଗ୍ରୀନ୍ ସେଡ୍‌କୁ କସମେଟିକ୍ସ ସର୍ଜରୀ ବୋଲି ଅଧିକାଂଶ ଲୋକେ ମତ ଦେଇଛନ୍ତି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି' ଉଦ୍‌ଘାଟିତ



ଭୁବନେଶ୍ୱର, ୪।୫ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ପକ୍ଷରୁ ସପ୍ତମ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି' କେନ୍ଦ୍ରୀୟ ଲଳିତ କଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ତଥା ୟୁଜିସିର ସଦସ୍ୟ ପ୍ରଫେସର୍ ସଚ୍ଚିଦାନନ୍ଦ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଚିତ୍ରଶିଳ୍ପୀ ଜଗଦୀଶ କାନୁନ୍‌ଗୋ ଓ ଭାସ୍କର୍ଯ୍ୟଶିଳ୍ପୀ ଶ୍ୟାମ ସୁନ୍ଦର ପଟ୍ଟନାୟକ ଓଡ଼ିଶାର କଳା ଇତିହାସ ଉପରେ ଆଲୋକପାତ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସର ଫ୍ଲାଗ୍ ମାର୍ଚ୍ଚ

ନନ୍ଦନକାନନ, ୪।୫(ସମିସ): ଆଗାମୀ ନିର୍ବାଚନକୁ ଭୟମୁକ୍ତ କରିବା ଉଦ୍ଦେଶ୍ୟରେ ବାରଙ୍ଗ ପୁଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ମିଳିତ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଶନିବାର ଦୁଇ ପ୍ଲାଟୁନ୍ ଯବାନ ଏବଂ ୨୦ଜଣ ପୁଲିସ କର୍ମଚାରୀ ଏହି ଫ୍ଲାଗ ମାର୍ଚ୍ଚ କରିଛନ୍ତି। ଚଣ୍ଡୀପ୍ରସାଦ, ଗୋଠପୁର, ଜୟପୁର ଅଞ୍ଚଳରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଗୋରୁଙ୍କ ପାଇଁ ଖୋଲିଲା ଗୋ-ଛତ୍ର

ଭୁବନେଶ୍ୱର, ୪।୫(ସମିସ): କଳିଙ୍ଗବିହାର କେ-୬ ଅଞ୍ଚଳର ରାମକୃଷ୍ଣ ମିଶ୍ର ନାମକ ବ୍ୟକ୍ତି ନିଜ ଘର ସାମ୍ନାରେ ଖୋଲିଛନ୍ତି ଗୋ-ଛତ୍ର। ଏଠାରେ ବୁଲା ଗୋରୁଙ୍କ ପାଇଁ ସ୍ୱତନ୍ତ୍ର ପାଣି କୁଣ୍ଡ ରହିଛି। ଏହାସହ କୁଣ୍ଡା, ଚୋକଡ଼ ଭଳି ଦାନା ସେମାନଙ୍କୁ ଖାଇବାକୁ ଦିଆଯାଉଛି। ୨୫ରୁ ଅଧିକ ଗୋରୁ ଖରାବେଳେ ନିୟମିତ ଭାବେ ଏହି ଗୋ-ଛତ୍ର ଷ୍ଟଲକୁ ଆସି ପାଣି ପିଉଛନ୍ତି। ଏହାଦ୍ୱାରା ବୁଲା ଗୋରୁ ପ୍ରଚଣ୍ଡ ଖରା ସମୟରେ ପାଣି ପାଇ ପାରୁଛନ୍ତି। ରାମକୃଷ୍ଣ କହିଛନ୍ତି, ରାଜଧାନୀର ବିଭିନ୍ନ ଅଞ୍ଚଳର ମଣିଷଙ୍କ ପାଇଁ ଜଳ ଛତ୍ର ଖୋଲାଯାଉଛି, ବିଏମ୍ସି ଗୋରୁଙ୍କୁ ପାଣି ବି ଦେଉଛି ହେଲେ ଅନେକ ସ୍ଥାନରେ ଖରା ସମୟରେ ଗୋରୁ ପାଣି ପାଇ ପାରୁନାହାନ୍ତି। ବୁଲା ଗୋରୁଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ସେ ଏଭଳି କରିଥିବା କହିଛନ୍ତି।

# ନନ୍ଦନକାନନ: ଆତଙ୍କ ପରେ ସୁରକ୍ଷା ଚିନ୍ତା

## ନିୟୋଜିତ ହେଲେ ୧୫ ସଶସ୍ତ୍ର ବାହିନୀ

ନନ୍ଦନକାନନ, ୪।୫(ସମିସ): ନନ୍ଦନକାନନର ସୁରକ୍ଷାନେଇ ଚିନ୍ତାବଢ଼ିଥିବାବେଳେ ଏବେ ୧୫ଜଣ ସଶସ୍ତ୍ର ଅବସରପ୍ରାପ୍ତ ସୈନିକଙ୍କୁ ନିୟୋଜିତ କରାଯାଇଛି। ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ସେମାନେ ନନ୍ଦନକାନନର ଉଭୟ ପ୍ରବେଶପଥରେ ଜଗି ରହୁଛନ୍ତି। ଗୋଟିଏ ଦଳ ସଶସ୍ତ୍ର ଗାଡ଼ିରେ ନନ୍ଦନକାନନ ଭିତରେ ପଇଁତରା ମାରୁଛନ୍ତି। ବାହାରୁ ଆସୁଥିବା ଲୋକମାନଙ୍କୁ ସ୍ୱତନ୍ତ୍ରଭାବେ ଯାଞ୍ଚ କରାଯାଇ ଛଡ଼ାଯାଉଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଗତ ୨୯ ତାରିଖରେ ନନ୍ଦନକାନନ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଦୁଇ ଯୁବକ ଆତଙ୍କ ଖେଳାଇଲା ପରେ ପିସିସିଏଫ୍ ତୁରନ୍ତ ଏହି ପଦକ୍ଷେପ ସ୍ୱରୂପ ନନ୍ଦନକାନନର ସୁରକ୍ଷା ପାଇଁ ଅବସରପ୍ରାପ୍ତ ସୈନିକମାନଙ୍କୁ ନିୟୋଜିତ କରିଛନ୍ତି। ତେବେ ନିକଟରେ ଥିବା ଦୁଇଟି ଗ୍ରାମର ଲୋକମାନଙ୍କ ପାଇଁ ନନ୍ଦନକାନନ ଭିତର ଦେଇ ଯିବାଆସିବା କରିବାକୁ ଆଗରୁ ଥିବା ବ୍ୟବସ୍ଥା ଉପରେ ପୁନରାୟ ଆଲୋଚନା କରାଯିବା ନେଇ ପିସିସିଏଫ୍ ସୁଶୀଳ ନନ୍ଦ କହିଛନ୍ତି। ବିଶ୍ୱାସ୍ତରୀୟ ନନ୍ଦନକାନନର ସୁରକ୍ଷା ପାଇଁ ଉଭୟ ଗ୍ରାମର ଲୋକମାନଙ୍କ ସହ ଏ ନେଇ ଆଲୋଚନା କରାଯିବା ପରେ ସେହି ରାସ୍ତାଟିକୁ ବନ୍ଦ କରାଯିବା ସମ୍ପର୍କରେ ଚିନ୍ତା କରାଯାଉଛି। ଏଥିନିମନ୍ତେ ଉଭୟ ଗ୍ରାମର ଲୋକମାନଙ୍କ ଯିବା ଆସିବା ପାଇଁ ଅନ୍ୟ ଏକ ରାସ୍ତା ବ୍ୟବସ୍ଥା କରିବାକୁ ମଧ୍ୟ ଦୃଷ୍ଟି ରଖାଯାଇଛି। ଏହି ଆତଙ୍କ ଖେଳାଇଥିବା ଘଟଣା ପରେ ତୁରନ୍ତ ପଦକ୍ଷେପ ଭାବେ ଏକ୍ସ ଆର୍ମିଙ୍କୁ ନିୟୋଜିତ କରାଯାଇଛି। ଆଗକୁ ଏହି ବ୍ୟବସ୍ଥା ସ୍ଥାୟୀ ଭାବେ କରିବା ନେଇ ଉପରସ୍ତରରେ ବିଚାର ବିମର୍ଶ କରାଯାଉଛି। ଯେମିତି କି ଏଠାରେ ସ୍ୱତନ୍ତ୍ର ସୁରକ୍ଷା ବଳଙ୍କୁ ନିୟୋଜିତ କରାଯିବା ପାଇଁ ଯୋଜନା କରାଯିବା ପାଇଁ କଥାବାର୍ତ୍ତା ଚାଲିଛି। ଯାହା ଖର୍ଚ୍ଚ ହେବ ବନ ବିଭାଗ ବହନ କରିବା ନେଇ ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି। ଏଥିସହ ଆତଙ୍କ ଖେଳାଇଥିବା ଦୁଇ ଜଣଙ୍କୁ ନନ୍ଦନକାନନ ପୁଲିସ ଖୁବ ଶୀଘ୍ର ଗିରଫ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ।

## ରିମାଣ୍ଡରେ ଆସିଲା ଖୋବା

ନନ୍ଦନକାନନ, ୪।୫(ସମିସ): ନନ୍ଦନକାନନ ଉପନିର୍ଦ୍ଦେଶକ (ଡିଏଫ୍‌ଓ)ଙ୍କ କାର୍ଯ୍ୟାଳୟରେ ପଶି ଆତଙ୍କ ଖେଳାଇଥିବା ଅଭିଯୋଗରେ ଗିରଫ ହୋଇଥିବା ଦାରୁଠେଙ୍ଗ ଗ୍ରାମର ସନ୍ତୋଷ ପାହାଡ଼ସିଂ ଓରଫ ଖୋବା(୪୦)କୁ ନନ୍ଦନକାନନ ପୁଲିସ ରିମାଣ୍ଡରେ ଆଣିଛି। ରିମାଣ୍ଡରେ ଆଣି ଘଟଣା ବିଷୟରେ ଅଧିକ ଖୋଳତାଡ଼ ପାଇଁ ତାକୁ ପଚରାଉଚରା କରିଥିବା ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଘଟଣାଦିନ ବ୍ୟବହୃତ ହୋଇଥିବା କଟୁରି ଓ ଏକ ପଲସରକୁ ଜବତ କରିଛି।



ସୂଚନା ଥାଉକି ଅଭିଯୋଗକାରୀ ରଶ୍ମୀରଞ୍ଜନ ସ୍ୱାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଏସିଏଫ୍ ଭାବେ ଦାୟିତ୍ୱ ନିର୍ବାହ କରନ୍ତି। ଗତ ୨୯ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସେ ପ୍ରାଣୀବିଜ୍ଞାନୀ ଡକ୍ଟର ରାଜେଶ କୁମାର ମହାପାତ୍ରଙ୍କ ସହିତ ବ୍ୟାଘ୍ର ବ୍ରିଡିଂ ପାଇଁ ନିଜ ଚାମ୍ବରରେ ବସି ଚର୍ଚ୍ଚା କରୁଥିଲେ। ଏହି ସମୟରେ ଖୋବା ଓ ତା'ର ସହଯୋଗୀ ସନ୍ତୋଷ ସାମଲ ଛୁରି ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହ ଅଚାନକ ବଳପୂର୍ବକ ଭାବେ ତାଙ୍କ ଚାମ୍ବରରେ ଧସେଇ ପଶିଥିଲେ। ଅଭିଯୁକ୍ତ ଦୁହେଁ ତାଙ୍କୁ ଗାଳିଗୁଲଜ କରି ଜୀବନରୁ ମାରିଦେବାର ଧମକ ଦେବା ସହିତ ତାଙ୍କର ମୋବାଇଲ ଫୋନ୍‌ଟିକୁ ଛଡ଼ାଇ ନେଇ ତୁରନ୍ତ ସ୍ୱିଚଡ୍ ଅଫ୍ କରିଦେଇଥିଲେ। ଚଷମା ଛଡ଼ାଇ ଫୋପାଡ଼ି ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଡକ୍ଟର ମହାପାତ୍ର ସେମାନଙ୍କୁ ପଚାରିବାରୁ, ସେମାନେ ତାଙ୍କୁ ମଧ୍ୟ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ଘଟଣାସ୍ଥଳରେ ଦୁଇଜଣ ଲ୍ୟାପଟପ୍ ଭାଙ୍ଗିବା ସହିତ ଜରୁରୀ କାଗଜପତ୍ର ସବୁକୁ ଫୋପଡ଼ାଫିଙ୍ଗା କରିଥିଲେ। ସେହିପରି ଆଲମାରୀ ଭାଙ୍ଗିବା ସହିତ ଡକ୍ଟର ସୁଦୀପ୍ତ କୁମାର ପଣ୍ଡାଙ୍କ (ଏସିଏଫ୍) ଚାମ୍ବରକୁ ଯାଇ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ତାଙ୍କ ଚଷମା ଫିଙ୍ଗିଦେଇଥିଲେ। ଉଭୟ ତାଙ୍କୁ ଚାପୁଡ଼ା ମାରିବା ସହିତ ପାଖରେ ଥିବା କମ୍ପ୍ୟୁଟର ଓ ଟେବୁଲ ଗୁଡ଼ିକୁ ନଷ୍ଟ କରିଦେଇଥିଲେ। ତାଙ୍କୁ ମଧ୍ୟ ଧମକଚମକ ଦେଇଥିଲେ। ଏହି ମାମଲାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଡିଭାଇଡର୍‌ରେ ବାଇକ୍ ପିଟିହୋଇ ଯୁବକ ମୃତ

ଭୁବନେଶ୍ୱର, ୪।୫(ସମିସ): କ୍ୟାପିଟାଲ ଥାନା ରାଜଭବନ ଛକ ନିକଟରେ ଡିଭାଇଡର୍‌ରେ ଧକ୍କା ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମୟୂରଭଞ୍ଜ ଅଞ୍ଚଳର ଧର୍ମପଦ ମାରାଣ୍ଡି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଶୁକ୍ରବାର ରାତିରେ ଧର୍ମପଦ ବାଇକ୍‌ରେ ଦ୍ରୁତଗତିରେ ପାୱାର ହାଉସ୍ ଛକ ଅଭିମୁଖେ ଯାଉଥିଲେ। ହେଲେ ଗାଡ଼ିର ଭାରସ୍ୟାମ ହରାଇ ଡିଭାଇଡର୍‌ରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

**ଯୁବପିଢ଼ିଙ୍କୁ ଘାରିଛି ଟାଟୁ ଟ୍ରେଣ୍ଡ**

# ଲେଖେଇଲେ ହଜାରେ, ଲିଭେଇଲେ ୮ ହଜାର

ଭୁବନେଶ୍ୱର, ୪।୫(ସମିସ):





ବର୍ତ୍ତମାନ ସମୟରେ ମାର୍କେଟରେ ଟାଟୁ ଟ୍ରେଣ୍ଡ ବିଷୟରେ ତ ସମସ୍ତଙ୍କୁ ଜଣା ହେଲେ ଏହାକୁ ନେଇ ଏକ ରୋଚକ କଥା ହେଲା ଲୋକ ଯେତିକି ଟଙ୍କା ଟାଟୁ କରିବାରେ ଖର୍ଚ୍ଚ କରୁଛନ୍ତି ତା'ର ୮ ଗୁଣ ଲିଭାଇବାରେ ଖର୍ଚ୍ଚ କରୁଛନ୍ତି।

ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବାର ନିଶା ଯେତେ ବଢୁଛି ସେହି ତୁଳନାରେ ନୂଆନୂଆ ଟାଟୁ କରିବା ପାଇଁ ପୁରୁଣା ଟାଟୁ ଲିଭେଇବରେ ମଧ୍ୟ ଯୁବଗୋଷ୍ଠୀ ସେତିକି ଆଗୁଆ ରହିଥିବାର ଦେଖିବାକୁ ମିଳୁଛି। ଲୋକ ଦିନକୁ ଦିନ ହାତରେ ଷ୍ଟାଇପ୍, ବିଭିନ୍ନ ସିମ୍ବଲ, ପ୍ରଜାପତି, ତଥା ବିଭିନ୍ନ ନାଁ ତଥା ଦେବାଦେବୀଙ୍କ ଚିତ୍ର ଆଦିର ଚାହିଦାରେ ରହିଆସିଛି। ଯୁବ ପିଢ଼ିଙ୍କ ମଧ୍ୟରେ ଟାଟୁ ଏକ ପ୍ରକାର ନିଶାରେ ପରିଣତ ହେଲାଣି। ଏହା ଉଭୟ ମହିଳା ଓ ପୁରୁଷ ହାତରେ ଓ ଶରୀରର ବିଭିନ୍ନ ଅଙ୍ଗରେ କୁଟାଇବାରେ ଲାଗିଛନ୍ତି। ଗୋଟାଏ ବ୍ଲାକ ଟାଟୁ ଓ ଅନ୍ୟଟି ରଙ୍ଗୀନ ଟାଟୁ। ବ୍ଲାକ୍ ଟାଟୁ କରିବାକୁ ହଜାରେରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ୁଛି। ସେହିପରି ରଙ୍ଗୀନ ଟାଟୁରେ ଟିକେ ଅଧିକା ଖର୍ଚ୍ଚ ହେଉଛି। ହେଲେ ରାଜଧାନୀରେ ଟାଟୁର ନିଶା ଅଧିକ ଦେଖିବାକୁ ମିଳୁଛି। କଳା ଟାଟୁ ଲିଭାଇବା ସହଜ ହୋଇଥିବା ବେଳେ ରଙ୍ଗୀନ ଟାଟୁ ଲିବାଇବା ଅଧିକ ଖର୍ଚ୍ଚ ହୋଇଥାଏ। ବିଭିନ୍ନ କ୍ଷେତ୍ରରେ ଯୁବଗୋଷ୍ଠୀ ଟାଟୁ ଲିଭାଇବାକୁ ଚାହିଁଲେ ଅଧିକ ଖର୍ଚ୍ଚ କରୁଥିବାର ଜଣାପଡୁଛି। ଟାଟୁ ଆର୍ଟିଷ୍ଟଙ୍କ ମତରେ ଟାଟୁ କରିବା ଯେତେ ସହଜ ପ୍ରକ୍ରିୟା ତାକୁ ଲିଭାଇବା ତାର ଦ୍ୱିଗୁଣ କଷ୍ଟ ପ୍ରକ୍ରିୟା। ଏହାକୁ ଲିଭାଇବାକୁ ହେଲେ ଲେଜର୍ ଲାଇଟ୍ ପ୍ରକ୍ରିୟାକରଣ କରାଯାଇଥାଏ। କିନ୍ତୁ ଏହା ଏତେ ସହଜ ହୋଇ ନ ଥାଏ। ଲିଭାଇବାରେ ୩ରୁ ୪ଟି ପର୍ଯ୍ୟାୟରେ କାମ କରିବାକୁ ପଡ଼ିଥାଏ। ଯାହା ସମ୍ପୂର୍ଣ୍ଣ ଲିଭିବାକୁ ପାଖାପାଖି ଗୋଟେ ବର୍ଷ ଲାଗିଥାଏ। ପ୍ରତି ଥର ୨ ରୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହା ଟାଟୁର ଆକାର ଓ ଡିଜାଇନ୍ ଉପରେ ନିର୍ଭର କରିଥାଏ। ଅଧିକ ବଡ଼ ଓ ଡିଜାଇନର ଟାଟୁ ହେଲେ ଅଧିକ ପଇସା ଓ ଟାଟୁ ଛୋଟ ହେଲେ କମ ପଇସା ସହ କମ ଦିନ ମଧ୍ୟ ଲାଗିଥାଏ। ଏ ନେଇ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ମାନସ ପୁହାଣ କୁହନ୍ତି ଟାଟୁ ହଟେଇବା ପାଇଁ ଲୋକଙ୍କୁ ତାଙ୍କ ନିକଟକୁ ଆସିବାକୁ ପଡ଼େ କାରଣ ଟାଟୁ ଆର୍ଟିଷ୍ଟମାନଙ୍କୁ ଟାଟୁ ହଟେଇବା ପାଇଁ ଲେଜର ପ୍ରକ୍ରିୟାର ଅନୁମତି ନ ଥାଏ। ଏହି ପ୍ରକ୍ରିୟାରେ ଗୋଟେ ବର୍ଷ ଲାଗି ଯାଇଥାଏ। କଳାଟାଟୁ ପାଇଁ ଲେଡର୍ ପ୍ରକ୍ରିୟା କରାଯାଇଥାଏ, ହେଲେ ରଙ୍ଗୀନ ଟାଟୁ ଲିଭାଇବା କଷ୍ଟ ଯୋଗୁ ଅନେକ ସମୟରେ ସର୍ଜରି ପ୍ରକ୍ରିୟାରେ ଏହାକୁ ଲିଭା ଯାଇଥାଏ ବୋଲି ସେ କହିଛନ୍ତି।

# ତୃତୀୟ ଦିନରେ ଭଗବାନପୁର ପାଲା

ଭୁବନେଶ୍ୱର, ୪।୫ (ସମିସ): ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଭଗବାନପୁର ପାଲା ଆଜି ତୃତୀୟ ଦିନରେ ପହଞ୍ଚିଛି। ଗାୟକ ଜ୍ଞାନ ବାରିଧି ଭାସ୍କର ଚନ୍ଦ୍ର ସାହୁ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ପାଲା ପ୍ରେମୀଙ୍କ ଭିଡ଼ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପାଲା ଅନୁଷ୍ଠିତ ହେବ।

# ନାମାଙ୍କନ ଭରିଲେ ଆପ୍ ବିଧାୟକ ପ୍ରାର୍ଥୀ

ବାଲିଅନ୍ତା, ୪।୫(ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀର ଆମ୍ ଆଦମୀ ପାର୍ଟି (ଆପ୍) ବିଧାୟକ ପ୍ରାର୍ଥୀ ଦୀନବନ୍ଧୁ ନାୟକ ଶନିବାର ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ସକାଳ ୧୦ଟା ସମୟରେ ବାଳକାଟି ନିକଟସ୍ଥ ମା' ଦୁଲ୍ଲାଦେଇ ମନ୍ଦିର ନିକଟରୁ ସମର୍ଥକଙ୍କ ସହ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ବାହାରି ବାଳକାଟି ବଜାର ଦେଇ ସୁଦର୍ଶନ ଦାରୁପୀଠ ରାସ୍ତା ହୋଇ ଟଙ୍କପାଣି ଦେଇ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ ଅଫିସ୍‌ରେ ପହଞ୍ଚି ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ।

**ମହଙ୍ଗା ପଡ଼ିଲା ମିଛକହି ବିବାହ କରିବା**

# ପୁଣି ଜେଲ୍‌ଗଲା ଆତ୍ମଘୋଷିତ ସିନେ ପ୍ରଯୋଜକ

ଧଉଳି, ୪।୫(ସମିସ): ନିଜକୁ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଓ ଏକ ଟେଣ୍ଟ ହାଉସ୍ ମାଲିକ ବୋଲି ମିଛକଥା କହି ବିବାହ କରିବା ଏବେ ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ଧଉଳି ଥାନା ପୁଲିସ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗର ଥାନା କରିଲୋପାଟଣା ହନ୍ତାପଡ଼ା ଗ୍ରାମର ସୁତାଂଶୁ ଓରଫ୍ ଦିପ୍ତୀରଞ୍ଜନ ମହାନ୍ତିଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଖବର ନେବାରୁ ଜଣାପଡ଼ିଛି ଦିପ୍ତୀରଞ୍ଜନ ନିଜକୁ ଜଣେ ଫିଲ୍ମ ପ୍ରଯୋଜକ ଓ ଟେଣ୍ଟ ହାଉସର ମାଲିକ କହି ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତ ଯୁବକ ଜଣଙ୍କ ଯୁବତୀଙ୍କୁ କେତେବେଳେ ହୋଟେଲ ତ କେତେବେଳେ ଭଡ଼ା ଘରେ ରଖୁଥିଲା। ସେହିପରି ଦୀପ୍ତି ବିଭିନ୍ନ ସ୍ଥାନରୁ ଚୋରି କରି ଘର ଚଳାଇଥାଏ। ମାତ୍ର ଯୁବତୀ ଜଣଙ୍କ ଏହା ଜାଣିପାରନ୍ତି ନାହିଁ। ଏହାରି ଭିତରେ ତାଙ୍କର ଗୋଟିଏ ସନ୍ତାନ ଅଛି। ଗତ କିଛିଦିନ ତଳେ ଏକ ଚୋରି ମାମଲାରେ ଦୀପ୍ତି କାରାଗାର ଗଲାବେଳେ ସତ ଘଟଣା ପଦାକୁ ଆସିଲା। ଏ ନେଇ ଯୁବତୀଙ୍କ ପରିବାର ଲୋକେ ଝିଅଙ୍କୁ ଘରେ ରଖିଥିଲେ। ଶୁକ୍ରବାର ଦୀପ୍ତି କାରାଗାରରୁ ମୁକୁଳିବା ପରେ ସିଧା ତାଙ୍କ ପତ୍ନୀଙ୍କ ଘରକୁ ଯାଇଥିଲେ। ମାତ୍ର ଉକ୍ତ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ଘରେ ପୂରାଇ ନ ଥିଲେ। କିନ୍ତୁ ବିଳମ୍ବିତ ରାତିରେ ପୁନର୍ବାର ଦୀପ୍ତି ପତ୍ନୀଙ୍କ ଘରେ ପଶି ତାଙ୍କ ପିଲାକୁ ନେବାପାଇଁ ଉଦ୍ୟମ କରିଥିଲେ। ମାତ୍ର ପରିବାର ଲୋକେ ଯୁବକଙ୍କୁ ବିରୋଧ କରିବାରୁ ସେ ଶାଶୂ, ଶ୍ୱଶୁର, ଦେଢ଼ଶାଶୂ ଓ ପତ୍ନୀଙ୍କୁ ଆକ୍ରମଣ କରିଥିଲା। ଏଭଳି ପାଟିତୁଣ୍ଡ ହେବାରୁ ପଡ଼ିଶା ଘର ଲୋକ ଉଠିଯିବାରୁ ଦୀପ୍ତି ପଳାଇଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଦୀପ୍ତିଙ୍କୁ ଗିରଫ କରିଛି।



## ଏସ୍‌ସିବି ରଚିଲା ଇତିହାସ

# ସଫଳ ହେଲା ଲିଭର୍ ଟ୍ରାନ୍ସପ୍ଲାଣ୍ଟ: ନୂଆ ଜୀବନ ପାଇଲେ ରୋଗୀ

**କଟକ, ୪।୫(ସମିସ):** ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପୁଣି ଇତିହାସ ରଚିଛି ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି ବଡ ମେଡିକାଲ)। ପ୍ରଥମଥର ପାଇଁ କଟକ ବଡ଼ ମେଡିକାଲରେ ଲିଭର୍ ଟ୍ରାନ୍ସପ୍ଲାଣ୍ଟ (ଯକୃତ ପ୍ରତିରୋପଣ) ସଫଳ ହୋଇଛି। ମାସେ ପୂର୍ବେ ଏହି ପ୍ରଥମ କରି ମାନସଙ୍କ ଯକୃତ ପ୍ରତିରୋପଣ କରାଯାଇଥିଲା। ସେ ଯକୃତ ଗ୍ରହୀତ ହୋଇଥିବା ବେଳେ ତାଙ୍କ ପତ୍ନୀ ରଶ୍ମିତା ବାରିକ ଯକୃତ ଦାନ କରିଥିଲେ। ରଶ୍ମିତାଙ୍କ ଯକୃତର ଦୁଇ ତୃତୀୟାଂଶ କଟାଯାଇ ମାନସଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପଣ ଭଳି କରାଯାଇଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏସ୍‌ସିବି ପକ୍ଷରୁ ଯକୃତ ଗ୍ରହୀତା ଓ ଦାତାଙ୍କ ନିମନ୍ତେ ଅସ୍ତ୍ରୋପଚାର ପରର ଔଷଧ ଏବଂ ସହାୟକ ସେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଆଇଜି ଟିମର ମୁଖ୍ୟ ଡା. ପି ବାଲାଚନ୍ଦ୍ରନ ମାନସଙ୍କୁ ଟ୍ରାନ୍ସପ୍ଲାଣ୍ଟ ବାବଦରେ ପଚାରିବାରୁ ସେ କହିଛନ୍ତି, ଏସ୍‌ସିବି ଓ ଏଆଇଜିର ଡାକ୍ତରଙ୍କ ଯୋଗୁଁ ଆଜି ସେ ନୂଆ ଜୀବନ ପାଇଛନ୍ତି। ସେଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏଆଇଜି ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଏସ୍‌ସିବି ପ୍ରଶାସନିକ






■ ଯକୃତଗ୍ରହୀତା ଓ ଯକୃତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି
■ ଏସ୍‌ସିବି ଓ ଏଆଇଜିର ୨୪ ଜଣିଆ ଡାକ୍ତରୀ ଦଳ କରିଥିଲେ ଟ୍ରାନ୍ସପ୍ଲାଣ୍ଟ
■ ନିଃଶୁଳ୍କରେ ଯୋଗାଇ ଦିଆଗଲା ମହଙ୍ଗା ସ୍ୱାସ୍ଥ୍ୟସେବା

ପ୍ରତିରୋପଣ କରାଯାଇଥିବା ବେଳେ ଯକୃତଗ୍ରହୀତା ଓ ଯକୃତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ଏସ୍‌ସିବି ସର୍ଜରୀ ବିଭାଗ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧିକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ତିଗିରିଆ ଅଞ୍ଚଳର ମାନସ ବାରିକ(୪୫) ଡ୍ରାଇଭର ଭାବେ କାର୍ଯ୍ୟ କରି ପରିବାର ଚଳାଉଥିଲେ। ସେମାନଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା। ଗତ ଏପ୍ରିଲ ମାସ ୩ ତାରିଖରେ ମହଙ୍ଗା ସ୍ୱାସ୍ଥ୍ୟସେବା ଏସ୍‌ସିବି ମେଡିକାଲରେ ସମ୍ପୂର୍ଣ୍ଣ ନିଃଶୁଳ୍କରେ ଯୋଗାଇ ଦିଆଯାଇଛି। ହାଇଦ୍ରାବାଦ ଏସିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର (ଏଆଇଜି)ର ୯ଜଣ ଏବଂ ବଡ ମେଡିକାଲର ୧୫ଜଣ ଡାକ୍ତରଙ୍କୁ ମିଶାଇ ମୋଟ୍ ୨୪ଜଣିଆ ଡାକ୍ତରୀ ଦଳ ଏହି ପ୍ରତିରୋପଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପ୍ରତିରୋପଣର ୫ ଦିନ ମଧ୍ୟରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲା। ଯକୃତ ପ୍ରତିରୋପଣ ଆଜିକୁ ଠିକ୍ ୧ ମାସ ହୋଇଥିବା ବେଳେ ଉଭୟଙ୍କୁ ଆଜି ଡିସ୍‌ଚାର୍ଜ ମେନନ୍ କହିଛନ୍ତି ଯେ, ଏସ୍‌ସିବି ମେଡିକାଲରେ ଏହି ଯକୃତ ପ୍ରତିରୋପଣ ପାଇଁ ଦୀର୍ଘ ସମୟ ଧରି ପ୍ରୟାସ ଜାରି ରହିଥିଲା। ଏବେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହିତ ସଫଳତା ମିଳିଛି। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ସାଧାରଣତଃ ମେଦବହୁଳତା, ମଦ୍ୟପାନ, ହେପାଟାଇଟିସ୍-ବି ଲିଭର୍ ଖରାପ ହେବାର ମୂଳକାରଣ ହୋଇଥାଏ। ଏଥିପ୍ରତି ଧ୍ୟାନ ଦେଲେ ଏହି ରୋଗରୁ ଲୋକମାନେ ଦୂରେଇ ରହିପାରିବେ ବୋଲି ମେନନ୍ କହିଛନ୍ତି। ଅନ୍ୟପଟେ ଯକୃତ ଗ୍ରହୀତା ଅଧିକାରୀ ଅବିନାଶ ରାଉତଙ୍କ ସମେତ ସମସ୍ତ ଏସ୍‌ସିବି ଓ ଏଆଇଜିର ଡାକ୍ତରୀ ଟିମ୍ ଉପସ୍ଥିତ ଥିଲେ। ଅନ୍ୟପଟେ ଏସ୍‌ସିବି ମେଡିକାଲର୍ ସୁପର ସ୍ପେସିଆଲିଟି ବିଲ୍ଡିଂରେ ପ୍ରତ୍ୟେକ ଗୁରୁବାର ସକାଳ ୯ଟା ରୁ ୧ଟା ପର୍ଯ୍ୟନ୍ତ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ଆଉଟ୍‌ପ୍ୟାଟେଣ୍ଟ ବିଭାଗ ଅଧିବେଶନ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।

# ଧର୍ମେନ୍ଦ୍ରଙ୍କୁ ସୁପର ମିଛୁଆ ଉପାଧି ଦେଇଛନ୍ତି ଜନତା: ବିଜେଡି

**ଭୁବନେଶ୍ୱର,୪।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେବଳ ଲୋକଙ୍କ ବିକାଶକୁ ବିରୋଧ କରନ୍ତି ନାହିଁ, ତାଙ୍କ ରାଜନୀତିରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସେ ଯେଉଁ ପାପ କରିଛନ୍ତି, ତାହା ଅକ୍ଷମଣୀୟ। କିନ୍ତୁ ଏବେ ବି ସମୟ ଅଛି ସେ ସ୍ୱଚ୍ଛମନରେ ଗର୍ବ ଅହଂକାର ଛାଡ଼ି ମହାପ୍ରଭୁଙ୍କ ଶରଣାପନ୍ନ ହୋଇ କ୍ଷମା ମାଗନ୍ତୁ ବୋଲି ବିଜେଡି କହିଛି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି, କୋଟିକୋଟି ଶ୍ରଦ୍ଧାଳୁଙ୍କ ଆରାଧ୍ୟ ଦେବତା ହେଉଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ। କିନ୍ତୁ ଜଣେ ଓଡ଼ିଆ ହୋଇ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାପ୍ରଭୁଙ୍କ କାମରେ ବି ବାଧା ସୃଷ୍ଟି ପାଇଁ ଭରପୂର ଉଦ୍ୟମ କରିଥିଲେ। ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପକୁ କେବଳ ପାଇଖାନା ପ୍ରକଳ୍ପ ବୋଲି କହି କୋଟି କୋଟି ଶ୍ରଦ୍ଧାଳୁଙ୍କ ଭବନାକୁ କୁଠାରାଘାତ କରିଥିଲେ। ଏତିକିରେ ତାଙ୍କ ମନ ବୁଝିନଥିଲା, ସେ ପରିକ୍ରମା ପ୍ରକଳ୍ପକୁ ବି ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ।

ଶ୍ରୀମତୀ ଦେଓ କହିଛନ୍ତି, ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଆ ଅସ୍ମିତା କଥା କହୁଛନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ ରାଜନୀତି ପାଇଁ ଯେଉଁ ଯେଉଁ ଭୁଲ କରିଛନ୍ତି, ତାହାର କ୍ଷମା ନାହିଁ। ଓଡ଼ିଆ ଅସ୍ମିତା କଥା କହି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ୟମ କରୁଛନ୍ତି। ଏହା କେବଳ ଶ୍ରଦ୍ଧାଳୁଙ୍କୁ ବାଧି ନାହିଁ, ବରଂ ଖୋଦ୍ ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛି। ଏତେ ବଡ଼ ପ୍ରକଳ୍ପ ସଫଳତାର ସହ ଶେଷ ହେଉ ବୋଲି ଶ୍ରୀ ପ୍ରଧାନ ଚାହୁଁ ନଥିଲେ। ସେଥିପାଇଁ ଏତେ ମହାନ୍ କାର୍ଯ୍ୟକୁ ସେ ପାଇଖାନା ସହ ତୁଳନା କରିବାକୁ ପଛାଇଲେ ନାହିଁ। ଆମର ତାଙ୍କୁ ନିବେଦନ, ସେ ଥରୁଟିଏ ଗର୍ବ ଅହଂକାର ଛାଡ଼ି ପୁରୀ ଯାନ୍ତୁ। ସେଠାରେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ମହାପ୍ରଭୁ ହୁଏତ କ୍ଷମା କରିଦେବେ। ଏଥିସହ ଶ୍ରୀ ପ୍ରଧାନ ଭଲ କରି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖନ୍ତୁ। ଫଳରେ ସେ ଜାଣିପାରିବେ କୋଟି କୋଟି ଶ୍ରଦ୍ଧାଳୁଙ୍କ ପାଇଁ ଏହି ପ୍ରକଳ୍ପ କେତେ ଉପାଦେୟ ହୋଇଛି। ଏହା ଲୋକଙ୍କ ଭାବାବେଗ ସହିତ କେତେ ଜଡ଼ିତ।

- ଶ୍ରୀମନ୍ଦିର ପ୍ରକଳ୍ପକୁ ପାଇଖାନା ସହ ତୁଳନା କରିବାକୁ ପଛାଇଲେ ନାହିଁ
- କେବଳ କୋଟି କୋଟି ଶ୍ରଦ୍ଧାଳୁ ନୁହେଁ, ବିଜେପି କର୍ମୀଙ୍କୁ ମଧ୍ୟ ଲଜ୍ଜିତ କରିଛନ୍ତି
- ଗର୍ବ ଛାଡ଼ି ପୁରୀ ଯାନ୍ତୁ, ମହାପ୍ରଭୁଙ୍କୁ କ୍ଷମା ମାଗନ୍ତୁ

ଏହି ଅବସରରେ ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଛନ୍ତି, ଲୋକେ ଶ୍ରୀ ପ୍ରଧାନଙ୍କୁ ମିଛୁଆ ବୋଲି ଜାଣିଛନ୍ତି। ଗତକାଲି ସେ ଯେଉଁ ସାମ୍ବାଦିକ ସମ୍ମିଳନୀ କଲେ ତାହା ଦେଖି ଲୋକେ ତାଙ୍କୁ ସୁପର ମିଛୁଆ ବୋଲି କହିବା ଆରମ୍ଭ କରିଛନ୍ତି। ଯେଉଁ ପ୍ରକଳ୍ପକୁ ନେଇ ପ୍ରତିଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଖୁସି ହେଉଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛନ୍ତି, ତାକୁ ନିନ୍ଦିବାକୁ ସେ ପଛାଉନାହାନ୍ତି। କେବଳ ନିର୍ବାଚନ ଲଢ଼ୁଛନ୍ତି ବୋଲି କ'ଣ ମହାପ୍ରଭୁଙ୍କୁ ଅପମାନିତ କରିବେ। ତାଙ୍କୁ ନେଇ ରାଜନୀତି କରିବେ? ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ଠିକଣା ସମୟରେ ଠିକଣା ଜବାବ୍ ଦେବେ ବୋଲି ଡଃ ମହାନ୍ତି କହିଛନ୍ତି।

■ ଗୋଟିଏ ଦିନରେ ଓଏଭି ଓ ଏସ୍‌ଏସ୍‌ବି ନିଯୁକ୍ତି ପରୀକ୍ଷା

# ପରୀକ୍ଷା ଘୁଞ୍ଚାଇବାକୁ ଦାବି

**ଭୁବନେଶ୍ୱର,୪।୫(ସମିସ):** ସମାନ ଦିନରେ ଏକାଧିକ ନିଯୁକ୍ତି ପରୀକ୍ଷା। କେମିତି ପରୀକ୍ଷା ଦେବେ ସେନେଇ ଚିନ୍ତାରେ ପରୀକ୍ଷାର୍ଥୀ। ଆସନ୍ତାକାଲି ଅର୍ଥାତ ରବିବାର ଠାରୁ ଓଡ଼ିଶା ଆଦର୍ଶବିଦ୍ୟାଳୟ(ଓଏଭି) ଶିକ୍ଷକ ନିଯୁକ୍ତିପରୀକ୍ଷା ଆରମ୍ଭ ହେଉଛି। ଅନ୍ୟପକ୍ଷରେ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ଶିକ୍ଷକ ନିଯୁକ୍ତି ପାଇଁ ପରୀକ୍ଷା ମଧ୍ୟ ୭ ତାରିଖରେ ହେବ। ଅର୍ଥାତ ଓଏଭି

**ଖୁବ୍‌ଶୀଘ୍ର ସମାଧାନ ହେବ କହିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

ଓ ଏସ୍‌ଏସ୍‌ବି ପକ୍ଷରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ସମାନ ଦିନରେ ଅନୁଷ୍ଠିତ ହେବାକୁ ଉଭୟ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ୩ଦିନ ଓ ଦିନେ ଅଧ୍ୟକ୍ଷ ନିଯୁକ୍ତି ପରୀକ୍ଷା ହେବ। ଶିକ୍ଷକ ପରୀକ୍ଷା ଆସନ୍ତାକାଲି ଅର୍ଥାତ ୫ ତାରିଖ, ୭ ତାରିଖ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ସେହିପରି ୨୯ ତାରିଖରେ ଅଧ୍ୟକ୍ଷ ନିଯୁକ୍ତି ପରୀକ୍ଷା ହେବ ବୋଲି ଓଏଭି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଏସ୍‌ଏସ୍‌ବି ପକ୍ଷରୁ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ପରୀକ୍ଷା ମଧ୍ୟ ୭ ତାରିଖରେ ହେବ। ଅର୍ଥାତ ଆସନ୍ତା ୭ ତାରିଖରେ ଓଏଭି ଓ ଏସ୍‌ଏସ୍‌ବି ପକ୍ଷରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ଅଛି। ସମାନ ଦିନରେ ବହୁ ପରୀକ୍ଷାର୍ଥୀଙ୍କ ପରୀକ୍ଷା ରହିଥିବାରୁ ଗୋଟିଏ ପରୀକ୍ଷାରୁ ବଞ୍ଚିତ ହେବେ। ଏହାକୁ ନେଇ ଆବେଦନକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ସ୍ଥିତି ଉପୁଜିଥିବା ସେମାନେ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ ରେ ବହୁ ଆଶାୟୀ କୌଣସି ଗୋଟିଏ ପରୀକ୍ଷା ଘୁଞ୍ଚାଇବାକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଅଭିଯୋଗ ପାଇବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି। ଉଭୟ ପରୀକ୍ଷା ତାରିଖକୁ ନେଇ ବିଭାଗ ପକ୍ଷରୁ ପୁନଃବିଚାର କରାଯାଉଛି। ମତଭେଦ ଯେମିତି ନହେବ ସେ ନେଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

# ଏନ୍‌ଏସଆଇସିର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ହେଲେ ପ୍ରଥମ ଓଡ଼ିଆ

**ଭୁବନେଶ୍ୱର, ୪।୫(ସମିସ):** ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ଅଧୀନସ୍ଥ ରାଷ୍ଟ୍ରୀୟ ଲଘୁ ଉଦ୍ୟୋଗ ନିଗମ (ଏନଏସଆଇସି)ର ଅଧ୍ୟକ୍ଷ ଏବଂ



ପ୍ରବନ୍ଧ ନିର୍ଦ୍ଦେଶକ ଭାବେ ଡ. ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ ନିଗମର ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରେ କାର୍ଯ୍ୟଭାର ଗ୍ରହଣ କରିବାରେ ଶ୍ରୀ ଆଚାର୍ଯ୍ୟ ପ୍ରଥମ ଓଡ଼ିଆ। ଏହା ପୂର୍ବରୁ ଶ୍ରୀ ଆଚାର୍ଯ୍ୟ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କରେ ମୁଖ୍ୟ ମହାପ୍ରବନ୍ଧକ ଭାବେ ଦିଲ୍ଲୀରେ କାର୍ଯ୍ୟରତ ଥିଲେ। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏମଏସଏମଇ ଉଦ୍ୟୋଗ ବିତ୍ତ ପୋଷଣ, ଉନ୍ନୟନ, ମାଇକ୍ରୋ କ୍ରେଡିଟ, ଷ୍ଟାର୍ଟ ଅପ୍ ଇନୋଭେସନ, ଏସଏମଇ ରେଟିଂ ଇତ୍ୟାଦିରେ ତାଙ୍କର ବିଶେଷ ଅନୁଭବ ରହିଛି। ବଡ଼ଚଣା ଗ୍ରାମ ପଞ୍ଚାୟତ ନୂଆ ଶାସନ ଗ୍ରାମରେ ଜନ୍ମିତ ଡଃ ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ, ଯାଦବପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଫାଶୀ ଦଣ୍ଡାଦେଶ ମାମଲା

# ଦୋଷୀଙ୍କ ପୃଷ୍ଠଭୂମି ବିଶ୍ଳେଷଣ ପାଇଁ ହାଇକୋର୍ଟଙ୍କ କଗ୍ନିଜାନ୍ସ ଗ୍ରହଣ

**କଟକ, ୪।୫(ସମିସ):** ଜଗତସିଂହପୁର ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜନୈକା ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ସେକ୍ ଆସିଫ ଅଲ୍ଲୀ ଓ ସେକ ଅକିଲ ଅଲ୍ଲୀଙ୍କୁ ଜଗତସିଂହପୁର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡ ଦେବା ପ୍ରସଙ୍ଗରେ ହାଇକୋର୍ଟ ନିଜ ଆଡ଼ୁ କଗ୍ନିଜାନ୍ସ ଗ୍ରହଣ କରିଛନ୍ତି। ଫାଶୀ ଦଣ୍ଡକୁ ବିରୋଧ କରି ଦୋଷୀ ପକ୍ଷରୁ ଦାୟର କ୍ରିମିନାଲ ଅପିଲ ଓ ଏହି ମୃତ୍ୟୁ ଦଣ୍ଡାଦେଶକୁ ଅନୁମୋଦନ କରିବାକୁ ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ଆସୁଛନ୍ତି ହାଇକୋର୍ଟ। ତେବେ ଦଣ୍ଡାଦେଶ ଶୁଣାଇବା ପୂର୍ବରୁ ଆବେଦନକାରୀ ଦୁଇ ଦୋଷୀଙ୍କ ପୃଷ୍ଠଭୂମି ବିଶ୍ଳେଷଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମୃତ୍ୟୁ ଦଣ୍ଡାଦେଶ ପାଉଥିବା ଦୋଷୀମାନଙ୍କ ଶିକ୍ଷାଗତ ଯୋଗ୍ୟତା, ବୟସ, ପାରିପାର୍ଶ୍ୱିକ ସାମାଜିକ ସ୍ଥିତି, ପାରିବାରିକ ଓ ମାନସିକ ମୂଲ୍ୟାଙ୍କନ ସହ ଦୋଷୀ ସାବ୍ୟସ୍ତ ପରର ଆଚରଣର ବିଶ୍ଳେଷଣ ଉପରେ ସୁପ୍ରିମକୋର୍ଟ ମଧ୍ୟ କେତେକ ମାମଲାରେ ଗୁରୁତ୍ୱାରୋପ କରିଥିବା ନେଇ ହାଇକୋର୍ଟ କହିଛନ୍ତି। ଏଣୁ ଦୋଷୀଙ୍କ ଏହି ପୃଷ୍ଠଭୂମିର ବିଶ୍ଳେଷଣ ସହ ତଥ୍ୟ ସଂଗ୍ରହ ପାଇଁ ଚୌଦ୍ୱାର ସର୍କଲ ଜେଲ ଅଧୀକ୍ଷକଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜେଲ ଅଧୀକ୍ଷକ ଆବଶ୍ୟକତା ଅନୁସାରେ, ପ୍ରୋବେସନ ଅଫିସର, ଜେଲ ଡାକ୍ତର, ମନୋବିଜ୍ଞାନୀଙ୍କ ସହାୟତା ନେଇପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୪ ଅଗଷ୍ଟ ୨୧ରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ଜଣେ ୮ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ସହ ହତ୍ୟା କରିଥିଲେ ଦୁଇ ଅଭିଯୁକ୍ତ ଆସିଫ ଓ ଆକିଲ। ଅଭିଯୁକ୍ତଦ୍ୱୟଙ୍କୁ ଆଇପିସିର ଦଫା ୩୦୨, ୩୭୬ଏବି, ୩୬୩ ଓ ପୋକ୍ସୋ ଆଇନର ଧାରା ୬ରେ ଦୋଷୀ ସାବ୍ୟସ୍ତ କରି ଗତ ୨୦୨୨ନଭେମ୍ବରରେ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲେ ଜଗତସିଂହପୁର ପୋକ୍ସୋ ଅଦାଲତ।

## ମାଆକୁ ତଣ୍ଟି ଚିପି ହତ୍ୟା କଲା ପୁଅ

**ତୁରୁମୁଙ୍ଗା, ୪।୫(ସମିସ):** ଖାଇବାକୁ ଦେବାରେ ବିଳମ୍ବ ହେବାରୁ ବୃଦ୍ଧା ମାଆକୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଛି ନୃଶଂସ ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରୀ ଗ୍ରାମର ଭାଲୁ ପାହାଡ଼ିସାହିରେ। ମୃତକ ହେଲେ, ଗୌରୀ ନାଏକ। ଗତରାତିରେ ଗୌରୀ ଖାଇବାକୁ ଦେବାରେ ବିଳମ୍ବ ହେବାରୁ ମଦ ନିଶାରେ ଥିବା ପୁଅ ସୁରେନ୍ଦ୍ର ନାଏକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ହତ୍ୟା କରିଥିଲା। ଖବର ପାଇ ଘଟଣାସ୍ଥଳରେ ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏସ୍‌ଆଇ ରସାନନ୍ଦ ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ହତ୍ୟାକାରୀ ପୁଅ ସୁରେନ୍ଦ୍ର ନାଏକକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୧୭୧/୨୪ରେ ଏକ ମାମଲା ରୁଜୁ ହୋଇଛି।

# ୨୦ ପରେ ପ୍ରକାଶ ପାଇବ ସିବିଏସ୍‌ଇ ପରୀକ୍ଷା ଫଳ

**ଭୁବନେଶ୍ୱର,୪।୫(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଆସନ୍ତା ୨୦ତାରିଖ ପରେ ପ୍ରକାଶ ପାଇବ। ଏ ନେଇ ବୋର୍ଡ ପକ୍ଷରୁ ନିଜ ଅଫିସିଆଲ ୱେବସାଇଟ cbseresults.nic.in ଓ results.cbse.gov.in ରେ ସୂଚନା ଦିଆଯାଇଛି। ସିବିଏସ୍‌ଇ ରେଜଲ୍ଟ ପ୍ରକାଶନକୁ ବିଭିନ୍ନ ସମୟରେ ଫେକ୍ ବିଜ୍ଞପ୍ତି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରି ବିଭ୍ରାନ୍ତିକର ପରିସ୍ଥିତିରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସୁରକ୍ଷିତ ରଖିବାକୁ ସିବିଏସ୍‌ଇ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ଶିକ୍ଷାବିତମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷା ଫେବୃଆରୀ ୧୫ ତାରଖରୁ ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱାଦଶ ପରୀକ୍ଷା ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୫ ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଚଳିତବର୍ଷ ମୋଟ ୩୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅସ୍ଥାୟୀ ଯୋଜନାରେ ନିୟୋଜିତ କାଜୁଆଲ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପାଇଁ ଆଦେଶ ଦିଆଯାଇପାରିବ ନାହିଁ

**କଟକ, ୪।୫(ସମିସ):** ଅସ୍ଥାୟୀ ଯୋଜନାରେ ନିୟୋଜିତ କାଜୁଆଲ ଶ୍ରମିକଙ୍କୁ ଯୋଜନା ଅବଧି ଶେଷ ପରେ ପୁନଃ ନିଯୁକ୍ତି ପ୍ରଦାନ ପାଇଁ ଅଦାଲତଙ୍କ ପକ୍ଷରୁ ଆଦେଶ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ନରେନ୍ଦ୍ର କୁମାର ନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଶ୍ରମ ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ ଉଦ୍ଦିଷ୍ଟ ଯୋଜନାରେ ନିୟୋଜିତ କାଜୁଆଲ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ପାଇଁ ଅଦାଲତ ଆଦେଶ ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ରହିଛି। ସୁରେଶ କୁମାର ବର୍ମାଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟରେ ମଧ୍ୟ ଏହା ଉଲ୍ଲେଖ ଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ଏଣୁ ପୁନଃ ନିଯୁକ୍ତିରୁ ବଞ୍ଚିତ ଆବେଦନକାରୀଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ୧୯୮୪ଜୁଲାଇ୧ରୁ ୧୯୮୬ ଅକ୍ଟୋବର୨୬ପର୍ଯ୍ୟନ୍ତ ଆବେଦନକାରୀ ଭୁବନେଶ୍ୱର ଉଦ୍ୟାନ କୃଷି ବିଭାଗରେ କାଜୁଆଲ ଶ୍ରମିକ ଏନଏଏମଆର ସ୍କିମରେ କାର୍ଯ୍ୟ କରୁଥିଲେ। ଏହା ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବାରୁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନିରାଶ ହେବା ପରେ ଭୁବନେଶ୍ୱର ଶ୍ରମ ଅଦାଲତରେ ମାମଲା ଦାୟର କରିଥିଲେ। ଶ୍ରମ ଅଦାଲତ ତାଙ୍କ ମାମଲାକୁ ଖାରଜ କରିବା ପରେ ସେ ଗତ ୨୦୦୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ ଆବେଦନକାରୀ ଏକ ଅସ୍ଥାୟୀ ଯୋଜନାରେ ନିୟୋଜିତ ଥିଲେ। ଯୋଜନା ବନ୍ଦ ହେବା ପରେ ଆବେଦନକାରୀ ସ୍ୱତଃ କାର୍ଯ୍ୟରୁ ଅପସାରିତ ହୋଇଥିଲେ ବୋଲି ନିଯୁକ୍ତିଦାତାଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏସବୁ ବିଷୟକୁ ତର୍ଜମା କରି ହାଇକୋର୍ଟ ଦୀର୍ଘ ୧୮ବର୍ଷ ପରେ ଆବେଦନକୁ ଖାରଜ କରିଦେଇଛନ୍ତି।

● କେଜେଏସ୍ କାରଖାନା ବିସ୍ଫୋରଣ

# ଦୁଇ ଦିନରେ ଦୁଇ ଶ୍ରମିକ ମୃତ

**ବଡ଼ବିଲ/ଯୋଡ଼ା, ୪।୫(ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ଗୁଆଲି ପଞ୍ଚାୟତ କାଟେସାହିସ୍ଥିତ ଜେକେଏସ୍ ଆଲୁୱାଲିଆ ସ୍ପଞ୍ଜ କାରଖାନାରେ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ଶୁକ୍ରବାର ଆସାମ ଅଞ୍ଚଳର ବାବୁଲୁ ଦାସ (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଶନିବାର ଆସାମର ଦେବେନ ବକଲାନି(୨୫)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନରେ ହୋଇଥିବା ବିସ୍ଫୋରଣରେ ୧୦ଜଣ ଶ୍ରମିକ ତରଳ ଲୁହାରେ ଭୟଙ୍କର ଭାବେ ଜଳିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଶ୍ରମିକଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ମାର୍କଫେଡ୍‌ର ପୂର୍ବତନ ଏରିଆ ମ୍ୟାନେଜରଙ୍କୁ ଜେଲ୍‌ଦଣ୍ଡ

**ଭୁବନେଶ୍ୱର, ୪।୫(ସମିସ):** ଗଞ୍ଜାମ ଜଗନ୍ନାଥପୁର ମାର୍କଫେଡ୍‌ର ପୂର୍ବତନ ଏରିଆ ମ୍ୟାନେଜର ଭୁବନ ମୋହନ ଦାଶଙ୍କୁ ବ୍ରହ୍ମପୁର ସ୍ପେଶାଲ ଭିଜିଲାନ୍ସ କୋର୍ଟ ୩ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ୩ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଶ୍ରୀ ଦାଶ କ୍ୟାସ୍‌ବୁକ୍‌ରେ ଜାଲିଆତି କରି ସରକାରୀ ଟଙ୍କା ହରିଲୁଟ୍ କରିଥିଲେ। ଗଞ୍ଜାମ ଛତ୍ରପୁର ତହସିଲ ଅଫିସ ଦ୍ୱାରା ପ୍ରଦାନ କରାଯାଇଥିବା ମୂଳ ଟଙ୍କା ରସିଦ୍‌ରେ ଏଭଳି ଜାଲିଆତି ହୋଇଥିଲା। ମାର୍କଫେଡ୍ ମାଲିକାନାରେ ଥିବା କୃଷି ଜମିକୁ ରୂପାନ୍ତର କରି ହରିଲୁଟ୍ କରିଥିଲେ। ଅଭିଯୋଗ କ୍ରମେ ହୋଇଥିବା ତଦନ୍ତ ସମୟରେ ସତ୍ୟାସତ୍ୟ ଜଣାପଡ଼ିବାରୁ ଭିଜିଲାନ୍ସ ଶ୍ରୀ ଦାଶଙ୍କୁ ଗିରଫ କରିଥିଲା।

# ଆଜି ନିଟ୍ ୟୁଜି ପରୀକ୍ଷା

**ଭୁବନେଶ୍ୱର,୪।୫(ସମିସ):** ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ୟୁଜି ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ଏନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅପରାହ୍ନ ୨ଟାରୁ ୫ଟା ୨୦ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ ନିଜର ଆଡମିଟକାର୍ଡ ଡାଉନ୍‌ଲୋଡ କରି ପରୀକ୍ଷା ପୂର୍ବରୁ ଯାଞ୍ଚ କରିବାକୁ ଏନ୍‌ଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ଭୁଲ୍ ଥିଲେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଡମିଟକାର୍ଡ ପୁନଃ ଡାଉନ୍‌ଲୋଡ କରିବାକୁ କୁହାଯାଇଛି। ଏନ୍‌ଟିଏର ସୂଚନା ଅନୁଯାୟୀ, ଦେଶରେ ୨୪ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୫୫୭ଟି ସହରରେ ପରୀକ୍ଷା କରାଯିବ। ଏହାସହ ଦେଶ ବାହାରେ ୧୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ଏନ୍‌ଟିଏ ସୂଚନା ଦେଇଛି।

# ରବୀନ୍ଦ୍ର, ସଂଗ୍ରାମଙ୍କ ସମେତ ବହୁ ବିଜେପି ନେତା ବିଜେଡିରେ





**ଭୁବନେଶ୍ୱର, ୪।୫(ସମିସ):** ଧର୍ମଗଡ଼ର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର କୁମାର ପାଟଯୋଶୀ ଏବଂ ଆଠମଲ୍ଲିକର ବିଜେପି ନେତା ସଂଗ୍ରାମ ମହାପାତ୍ରଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ପର୍ଯ୍ୟାୟକ୍ରମେ ହୋଇଥିବା ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଏବଂ ଆଠମଲ୍ଲିକ ଓ ଅନୁଗୁଳ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ଉପସ୍ଥିତ ଥିଲେ। ନୂତନ କର୍ମୀଙ୍କ ଯୋଗଦାନ ଫଳରେ ଉଭୟ ଧର୍ମଗଡ଼ ଓ ଆଠମଲ୍ଲିକରେ ବିଜେଡିର ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଆଜି ବିଜେଡିରେ ଯୋଗଦେଇଛନ୍ତି ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସମିତି ସଭ୍ୟ ବିଷ୍ଣୁପ୍ରସାଦ ବୈଶାଲ, ପୂର୍ବତନ ଜୋନ ସଭାପତି ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ବିଜେପି ଉପସଭାପତି ଖୁସିରାମ ରାଉତ, ଖିରସିନ୍ଧୁ ପ୍ରଧାନୀ, ରଜକ ଖାନ, ନବାବ ଖାନ, ହଜରତ ଖାନ, ବିଦେଶୀ ନାଏକ, ଅନିଲ ବଡ଼ମାଳି, ବଣ୍ଟି ମାଝୀ, ପ୍ରମୋଦ ଭୋଇ, ଦାନର ଭୋଇ, ଅମୀୟ ପ୍ରଧାନ, ଧନଞ୍ଜୟ ପ୍ରଧାନ, ଦୁଷ୍ମନ୍ତ ଘୋଶଲା, ସୁଶୀଳା ବେହେରା, କହ୍ନେଇ ଘୋଶଲା, ଶମ୍ଭୁ ଭୋଇ, ଜୁନା ଘୋଶଲା, ମନୋଜ ପୁତ୍ରା, ରଞ୍ଜୁବାଳା ମେହେର, କାରମାନ ପ୍ରଧାନ, ଶ୍ରୀବସ୍ତ ପ୍ରଧାନ, ମାଧବ ବେହେରା, ନରୋତ୍ତମ ପେଣ୍ଠି, ପଙ୍କଜ ଭୋଇ, ପଙ୍କଜ ବେହେରା, ମଣ୍ଟୁ ମିର୍ଦ୍ଧାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

